Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୯ ଶ
ସ ୪୭ ସଂଖ୍ୟା

ତା ୮ ଉଣ ମାହେ ଡିସେମ୍ବର ସନ ୧୮୯୪ ମସିହା । ମୂ । ୨୪ ଢ ମାର୍ଗଶିର ସନ ୧୩୦୨ ସାଲ ଶନିବାର ।

| | |
|---|---|
| ଅଗ୍ରିମ ବାର୍ଷିକ ମୂଲ୍ୟ | ଟ ୩ |
| ପଶ୍ଚାଦେୟ | ଟ ୬ |


... ମୌଲବୀ ଇଫ୍ତିଉଦ୍ଦୀନ ପୁନାନଗରସ୍ଥ ଜଣେ ମୌଲବୀଙ୍କ ପୁତ୍ର । ସେ ପ୍ରବେଶିକା ପରୀକ୍ଷା ପାସ କରି ମେଡିକଲ କଲେଜରେ ଭରତି ହୋଇଥିଲେ । ସେଠାରେ ନ ପାରିବାରୁ ପୁଣି କଲେଜରେ ଭରତି ହୋଇ ଏଫ. ଏ, ପାସ କଲେ । ମାତ୍ର ବି, ଏ, ପାସ କରିପାରିଲେ ନାହିଁ । ଉନ୍ନତି ବାରିଷ୍ଟର ହେବାପାଇଁ ବିଲାତକୁ ବାହାରି ଗଲେ । ବର୍ତ୍ତମାନ କଥିତ ଅଛି ଯେ ସେ ବିଲାତରେ ପାର୍ଲିମେଣ୍ଟର ସଭ୍ୟ ହେବାର ଚେଷ୍ଟା କରୁଅଛନ୍ତି । ଏଥିରେ କୃତକାର୍ଯ୍ୟ ହେଲେ ଅବଶ୍ୟ ଏଠା ମୁସଲମାନ ସମ୍ପ୍ରଦାୟର ଜଣେ ପ୍ରତିନିଧି ହେବେ । ମାତ୍ର ଉପ୍ରକାର ଗଜଗତର ଯୋଗ୍ୟତା କରିବେ ଜଣାପଡ଼ୁ ନାହିଁ ।

---

ସମ୍ବାଦ ବାହିକା ଲେଖୁ ଅଛନ୍ତି ଯେ ବାଲେଶ୍ୱର ନିକଟ ରେମୁଣାରେ ମରହଟ୍ଟା ଅମଳ ଜାଗୀର ସ୍ୱତ୍ୱ ହୋଇ ଅନ୍ୟ ଲୋକେ ଅପଣା ମଧ୍ୟରେ ବଣ୍ଟା କରି ତୃପ୍ତ ନ ହୋଇ ଗତ ସପ୍ତାହରେ କେତେକ ଜଣ ସେଠାରେ ଥିବା ବନ୍ଦୋବସ୍ତ କର୍ମଚାରୀ ଟମ୍ସନ ସାହେବଙ୍କ ସନ୍ନିକଟ ଉପରେ ଢେଲା ବୃଷ୍ଟି କରି ଥିଲେ । ସାହେବ ସଜ୍ଜିତ ହୋଇ ଏକ ଦଳ ମନୁଷ୍ୟ ଜମାଇ ସ୍ୱୟଂ ଅଙ୍କାର ସଙ୍ଗ ହେଲୁ ତାହାକୁ ଧରି ନ ପାରି ମାଜିଷ୍ଟ୍ରେଟ ସାହେବଙ୍କୁ ଜଣାଇବାରେ କେତେକ ଜଣ ପୁଲିସ ମହଜୁଦ ବସାଇ ଅଛି । ଅନୁମାନ କୁଆଡ଼ ବନ୍ଦୋବସ୍ତ ସେଠାରେ ଲଗିଥିବା ବନ୍ଦୋବସ୍ତର ଅଟେଷ୍ଟେସନ କାର୍ଯ୍ୟ ଏ ଘଟଣାର ମୂଳ ଅଟେ ମାତ୍ର ଏ ମର୍ଷ-ପଣିଅରେ ବହୁ ଲାଭ ହେବ ନାହିଁ ।

---

ଡାକବିଭାଗ ନିୟମ ହୋଇଅଛି କି ଚିଠି-ରେ ଲଗିଥିବା ଡାକଟିକଟ ଉପରେ ଯେବେ ପତ୍ରପ୍ରେରକ କୌଣସି ପ୍ରକାର ମୋହର ଛାପି ଦେବ ତେବେ ସେ ଟିକଟ ମାସୁଲ ସ୍ୱରୂପ ଗଣ୍ୟ ନ ହୋଇ ଚିଠି ବେରଙ୍ଗ ହେବ । ଟିକଟ ଉପରେ ହାତରେ କାଳିରେ ଟାଣିବା କମ୍ବା ଅକ୍ଷର ଲେଖିବାର ନିଷେଧ ନାହିଁ ପୋଷ୍ଟମାଷ୍ଟର ଜେନରଲ ଏହା ବୁଝାଇ ଦେଇ ଅଛନ୍ତି । ଇଥାତ ଆମ୍ଭେମାନେ ଶୁଣୁଅଛୁଁ ଯେ ମୋଫସ-ଲର କୌଣସି ୨ ଡାକଘରେ ଚିଠି ଉପରେ ଲଗିଥିବା ଡାକଟିକଟରେ ଗାର ଥିବା ଦେଖିଲେ ବେରଙ୍ଗ ମାସୁଲ ଆଦାୟ କରୁଅଛନ୍ତି । ଏହା ଅନ୍ୟାୟ ଅଟେ । ଯାହାର ପତ୍ର ଏପରି ବେରଙ୍ଗ ଭାବ ସ୍ପଷ୍ଟ ଙ୍କୁ ପତ୍ରଦ୍ୱାରା ଜଣାଇବାର ଉଚିତ

---

କଲିକତାକୁ ପୂର୍ବେ ଓଡ଼ିଶାରେ ଅନଳ୍ପ ଥିଲା । ଏହି କଣ୍ଟକ ନଗ ରେ ବର୍ଷମଧ୍ୟରେ ପ୍ରାୟ ମା ସ ଅପେକ୍ଷା ମିଳୁ ନ ଥିଲା । ଏବଂ ଅନ୍ୟ ସମୟରେ ଦର ଅଧିକ ଥିଲା । ବର୍ତ୍ତମାନ ଏଠା କୃଷିମାନେ ପ୍ରଚୁର ପରିମାଣରେ ଆଳୁ ଉତ୍ପନ୍ନ କରୁଅଛନ୍ତି ଏବଂ ବର୍ଷକୁବର୍ଷ ଏଥିର ଗୃହ ଉସ୍ତର ହେବାରୁ ଦର ସୁଲଭ ହୋଇଅଛି ବଡ଼ ସୁଖର ବିଷୟ ଅଟେ । କୃଷିମାନେ ଯେବେ ସାରୁ ଓ କନ୍ଦମୂଳ ମନୋଯୋଗୀ ହେବେ ତେବେ ଅନେକ ଲାଭ ହେବ । ସରକାରୀ ଆଦର୍ଶ କ୍ଷେତ୍ରରେ ପରୀକ୍ଷାଦ୍ୱାରା ଦେଖାଯାଇ ଅଛି ଯେ ନାଇଜିରାଳର ବଦଳରେ ମାଂସରେ ଏକଶତମହଣ ଆଳୁ ଫଳୁଅଛି । ସ୍ଥାନୀୟ ବଦଳରେ ଉହିଁର ଅପେକ୍ଷା ସ୍ୱଭା ହୋଇ ନାହିଁ । ସାରୁମଧ୍ୟରେ କଡ଼ାପେଡ଼ିଆ ଓ ଅସ୍ଥିଚର୍ଣ୍ଣ ସବୁଠାରୁ ଭଲ ।

—o—

ଓଡ଼ିଆ ଓ ନବସମ୍ବାଦରୁ ଅବଗତ ହେଲୁ ଯେ ବାଲେଶ୍ୱର ଜିଲ୍ଲାରେ ବନ୍ଦୋବସ୍ତ ସମ୍ବନ୍ଧୀୟ ଅଟେଷ୍ଟେସନ୍ କାର୍ଯ୍ୟ ଲଗିବାରୁ ଫଉଜଦାରୀ ମାମଲା ବୃଦ୍ଧି ହୋଇ ଅଛି । ଲୋକେ ଅପଣା ୨ ସ୍ୱତ୍ୱର ପ୍ରମାଣ ନିମନ୍ତେ ବିବାଦୀୟ ଜମିର ଧାନ ବଳପୂର୍ବକ ଅଥବା ପୁଲିସ ସାହାଯ୍ୟରେ କାଟି ନେଉ ଅଛନ୍ତି । ଏକ ୨ ସ୍ଥଳେ ଉଭୟପକ୍ଷ ପୁଲିସ ସାହାଯ୍ୟ ନେଲେ ମଧ୍ୟ ଯାହାର ଲୋକ ବଳ ଅଧିକ ସେ ଧାନ କାଟି ନେଉଅଛି । ପୁଲିସ ରହିବାରୁ କେବଳ ଦଙ୍ଗା ହଙ୍ଗାମା ହୋଇ ପାରୁ ନାହିଁ । କେତେ ଜବରଦସ୍ତ ଲୋକ ପୁଲିସର ସାହାଯ୍ୟ ନ ନେଇ ମାରପିଟ କରି ଧାନ କାଟି ନେଉ ଅଛନ୍ତି । ମାଜିଷ୍ଟ୍ରେଟ ସାହେବ ଆଦେଶ କରି ଅଛନ୍ତି କି ବିବାଦ ଜମିର ଧାନ ପୁଲିସ ସମକ୍ଷରେ କଟା ହୋଇ ମାମଲା ନିଷ୍ପତ୍ତି ପର୍ଯ୍ୟନ୍ତ ଭଲଲୋକ ମାରଫତରେ ରହିବ । କୌଣସି ପକ୍ଷ ନେଇ ପାରିବ ନାହିଁ ।

—※—

Digitized by srujanika@gmail.com

କଲିକତାର ଜଣେ ଦେଶୀୟ ଅଟୋର୍ଣୀ ମସ୍ତକରେ ପାଗ ନ ପିନ୍ଧି ଗତମାସ ତା [illegible] ଖରେ କଲିକତା ହାଇକୋର୍ଟର ମାନ୍ୟବର ଜଜ ଟ୍ରେଭେଲିଆନ ସାହେବଙ୍କ ମଜଲିସରେ ଖର୍ଚ୍ଚା ବରଖାସ୍ତ ଦେବା ନିମନ୍ତେ ଛିଡା ହୁଅନ୍ତେ ସେ ବିରକ୍ତି ପ୍ରକାଶ କରିଥିଲେ ଓ ତାହାଙ୍କର ଆବେଦନ ସେ ଶୁଣିବେ ନାହିଁ । ଏ ଅଟର୍ଣୀ ବିଦ୍ରୁପ କାରଣ ବୁଝି ନ ପାରି ଆଶ୍ଚର୍ଯ୍ୟ ହୋଇ ଆପଣା ସ୍ଥାନରେ ବସିଲାରୁ ତାହାଙ୍କର ଅନ୍ୟ ଅଟର୍ଣୀମାନେ ତାହା ମସ୍ତକରେ ପାଗ ନ ଥିବା କଥା ସ୍ମରଣ କରାଇ ଦେଲେ । ବିଦ୍ରୁପ ଘରୁ ଆସିବା ବେଳେ ପାଗ ଆଣିବାକୁ ପାଶୋରି ଯାଇଥିଲା । ଅଗତ୍ୟା ଆପଣା ମୋହରିରର ମସ୍ତକରୁ ପାଗ ନେଇ ଆପଣା ମସ୍ତକରେ ପିନ୍ଧି ଅଦାଲତର ଅବକାଶ ମତେ କ୍ଷମା ପ୍ରାର୍ଥନା ପୂର୍ବକ ବରଖାସ୍ତ ଦେବାରୁ ତାହା ଗ୍ରାହ୍ୟ ହେଲା । ବିନାପାଗରେ ଅଦାଲତ ମଧ୍ୟରେ ଉପସ୍ଥିତ ହେଲେ ପାଗ ଭଙ୍ଗିତକାର କଥା ।

ବର୍ତ୍ତମାନ ଏ ଦେଶରେ ଡାକ୍ତରୀ ଚିକିତ୍ସାର ବିସ୍ତାର ହେତୁ ଅଷ୍ଟବେଟ ଓ ଯବଚୂର୍ଣ୍ଣ ରୋଗିର ପ୍ରଧାନ ପଥ୍ୟ ହୋଇ ଅଛି । ଏଥିପାଇଁ ବିଲାତରୁ ଅନେକ ଅଷ୍ଟବେଟ ଓ ଯବଚୂର୍ଣ୍ଣ ଆମଦାନୀ ହୋଇ ଏ ଦେଶରେ ବିକ୍ରୟ ହୁଅଇ ଏବଂ ଏହି ଦ୍ରବ୍ୟମାନ ଏ ଦେଶରେ ପ୍ରଚୁର ପରିମାଣରେ ଓ ସୁଲଭ ଦରରେ ମିଳୁଥିଲେ ମଧ୍ୟ ଲୋକେ ଅଜ୍ଞତା ପୂର୍ବକ ବିଲାତି ଦ୍ରବ୍ୟ ଉଚ୍ଚ ମୂଲ୍ୟରେ କ୍ରୟ କରନ୍ତି କାରଣ ତାହା ଦେଖିବାକୁ ବଡ଼ ପରିଷ୍କାର । ବଙ୍ଗବାସିରୁ ଅବଗତ ହେଲୁଁ ଯେ କଲିକତା ବାଗବଜାର ଷ୍ଟ୍ରୀଟ ସରକାର ଗଳିର ନଂ ୬୨ ନମ୍ବର କୋଠୀ ବାବୁ ହେମଚନ୍ଦ୍ର ମୁଖୋପାଧ୍ୟାୟ ବିଲାତରୁ କଳ ଆଣାଇ ଠିକ ବିଲାତି ଦ୍ରବ୍ୟପରି ପରିଷ୍କାର ଯବଚୂର୍ଣ୍ଣ ପ୍ରସ୍ତୁତ ଏବଂ ଟିଣରେ ବନ୍ଦ କରି ପ୍ରତି ଟିଣ ଚାରିଅଣା ଦରରେ ବିକ୍ରୟ କରୁଅଛନ୍ତି । ଏହିପରି ବେଲେତି ଟିଣ ବିଲାତି ଯବର ମୂଲ୍ୟ ତିନିଅଣା ଅଟେ । ଅର୍ଦ୍ଧ ମୂଲ୍ୟରେ ଉତ୍ତମ ଦ୍ରବ୍ୟ ବିକ୍ରୟ କରିବାକୁ ସମର୍ଥ ହେବା ହେତୁ ହେମଚନ୍ଦ୍ର ବାବୁ ସର୍ବସାଧାରଣଙ୍କଠାରୁ ବିଶେଷ ଉତ୍ସାହ ପାଇବାର ଯୋଗ୍ୟ ଅଟନ୍ତି । ଦୁର୍ଭାଗ୍ୟବଶତଃ ଅନେକ ଲୋକଙ୍କର ରୁଚି ଏପରି କୁମାର୍ଗରେ ଯାଇ ଅଛି ଯେ ବିଲାତି ଦ୍ରବ୍ୟ ପାଇଲେ ଦେଶୀ ଦ୍ରବ୍ୟପ୍ରତି ଆଦୌ ଆସ୍ଥା କରନ୍ତି ନାହିଁ ଏହି ରୁଚି ସଂଶୋଧନ କରିବା ଅବଶ୍ୟକ ହୋଇ ଅଛି ।

ସନ୍ତୋଷଭାବରେ ପାଠକଙ୍କୁ ବିଦିତ କରୁଅଛୁଁ ଯେ ବିବି ଶ୍ରୀଇନ ନାମକ ଫରିଦାବାଦର ଜଣେ ସମ୍ଭ୍ରାନ୍ତ ଯୁବା ପୁରୁଷ ହାତରସରେ ଜଣେ ବିଖ୍ୟାତ ବଣିକ କନ୍ୟାକୁ ବିବାହ କରିଥିଲା । ବିବାହର ଉତ୍ତାରୁ ସେ ପାଞ୍ଚ ବର୍ଷ ଉତ୍ତାରେ ପରଲୋକ ଗମନ କଲେ । ଯୁବା ପୂର୍ଣ୍ଣାଙ୍ଗ ସ୍ତ୍ରୀକୁ ଏମନ୍ତ ଦେଖି ପାରୁଥିଲା ଯେ ତାହା ବିରହରେ ସଂସାର ଶୂନ୍ୟ ଦେଖିଲା । ପତିବ୍ରତା ଗୁଣବତୀ ସ୍ତ୍ରୀକୁ ହରାଇ ତାହାର ମନ ସଂସାରରେ ଆଉ ଲାଗିଲା ନାହିଁ । ସେ ଯେତେ ବୁଝାଇଲେ ତାହା ମନକୁ କିଛି ବୋଧ ହେଲା ନାହିଁ । ପରିଶେଷରେ ସେ ସନ୍ନ୍ୟାସୀ ହେବାକୁ ସ୍ଥିର କରି ଏକଦିନ ସେଠା କଲେକ୍ଟରଙ୍କ ନିକଟରେ ଉପସ୍ଥିତ ହୋଇ ତାହାଙ୍କୁ ୬୦ ହଜାର ଟଙ୍କା ଦେଇ ଏହି ଅନୁରୋଧ କଲା ଯେ ସାହେବ ମହୋଦୟ ଏହି ମଧ୍ୟରୁ ୨୧ ହଜାର ଟଙ୍କାରେ ହାତରସଠାରେ ତାହା ସ୍ତ୍ରୀ ନାମରେ ଗୋଟିଏ ଜନାନା ହାସପାତାଲ ନିର୍ମ୍ମାଣ କରିବେ ଏବଂ ଅବଶିଷ୍ଟ ଟଙ୍କା ତାହାର ଆତ୍ମୀୟମାନଙ୍କୁ ଦାନ ଏବଂ ଧର୍ମଶାଳା ନିର୍ମାଣରେ ବ୍ୟୟ କରିବେ । ଏହି ବନ୍ଦୋବସ୍ତ କରି ଦୁଇଜଣ ଭୃତ୍ୟ ସଙ୍ଗେ ନେଇ ଘରୁ ବାହାରି ସ୍ନାନଘାଟକୁ ଗଲେ । ସେଠାରେ ସଙ୍ଗର ସମସ୍ତ ଦ୍ରବ୍ୟ ଭୃତ୍ୟମାନଙ୍କୁ ଦେଇ ନିବିଡ଼ ଅରଣ୍ୟରେ ପ୍ରବେଶ କଲେ । ତହିଁ ଉତ୍ତାରୁ ତାହାଙ୍କର କୌଣସି ସମ୍ବାଦ କେହି ପାଇ ନାହାନ୍ତି । ସାଧକ ଏହାଙ୍କର ପ୍ରେମ । ଅବଶିଷ୍ଟ ଜୀବନ ଅବଶ୍ୟ ଈଶ୍ୱର ପ୍ରେମରେ କଟାଇଥିବେ ।

ଆମ୍ଭେମାନେ ଏଥିପୂର୍ବେ ଭ୍ରମବଶତଃ ଲେଖିଥିଲୁଁ କି ରୁଷିଆର ଯୁବରାଜ ଆପଣାର ପିତା ସଙ୍କଟାପନ୍ନ ରୋଗରେ ଶଯ୍ୟାଗତ ଥିବା ଅବସ୍ଥାରେ ବିବାହ କରିଥିଲେ । ପିତାଙ୍କ ମୃତ୍ୟୁରେ ଯୁବରାଜ ସମ୍ରାଟ ପଦରେ ଅଭିଷିକ୍ତ ହେବାର ବର୍ଷଦିନ ଉତ୍ତାରୁ ଅର୍ଥାତ୍ ଗତ ନଭେମ୍ବରମାସ ତା ୨୬ ରିଖରେ ତାହାଙ୍କର ଶୁଭବିବାହ କାର୍ଯ୍ୟ ସମ୍ପନ୍ନ ହୋଇଅଛି । ତାରସମ୍ବାଦରୁ ଜଣା ଯାଏ ଯେ ନବସମ୍ରାଟଙ୍କର ଏହି ଉତ୍ସବରେ ରୁଷିଆର ରାଜଧାନୀ ସେଣ୍ଟପିଟର୍ସବର୍ଗବାସୀମାନେ ଅପାର ଆନନ୍ଦରେ ମାତିଥିଲେ । ରାଜପଥ ସମସ୍ତ ଲୋକପୂର୍ଣ୍ଣ ହୋଇଥିଲା ଏବଂ ବର କନ୍ୟା ବଗିରେ ଯାଉଥିବା ବେଳେ ଦର୍ଶକଗଣର ଜୟ ଧ୍ୱନିରେ ଆକାଶ ଉଚ୍ଛୁଳି ପଡୁଥିଲା । ଲୋକଙ୍କର ଏପ୍ରକାର ରାଜଭକ୍ତି ଦେଖି ସମ୍ରାଟ ଅତ୍ୟନ୍ତ ଚମତ୍କୃତ ହୋଇଥିଲେ । ଏହି ଶୁଭଦିନର ସ୍ମରଣାର୍ଥେ ଯେଉଁ ଘୋଷଣା ପତ୍ର ବାହାରିଅଛି ତହିଁରେ ସମସ୍ତ ବକାୟା ଟିକସ ଏବଂ କୃଷିଜୀବୀମାନଙ୍କଠାରୁ ପାଉଣା ବାକି ସମସ୍ତ ଖଜଣା ଛାଡି ଦିଆଯିବାର ଏବଂ ଜେଲଖାନାରେ ଥିବା କଏଦୀ ଓ ନିର୍ବାସିତ ଅପରାଧୀମାନଙ୍କର ମିଆଦ କମିଯିବାର ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଇଅଛି । ଯେଉଁ ପୋଲଣ୍ଡବାସୀମାନେ ସନ ୧୮୬୩ ସାଲରେ ବିଦ୍ରୋହୀ ହେବାରୁ ନିର୍ବାସିତ ହୋଇଥିଲେ ସେମାନେ କ୍ଷମା ପାଇ ରୁଷିଆକୁ ଫେରି ଆସିବାର ଅନୁମତି ପାଇଅଛନ୍ତି । ଏପ୍ରକାର ଦୟାପ୍ରଦର୍ଶନ ସମ୍ରାଟଙ୍କ ଯୋଗ୍ୟ ହୋଇଅଛି ସନ୍ଦେହ ନାହିଁ । ଏଥିପାଇଁ ପ୍ରଜାମାନେ ସର୍ବାନ୍ତଃକରଣରେ ଧନ୍ୟବାଦ ନ ଦେବେ କାହିଁକି ?

ବାଲେଶ୍ୱରରେ ମୁସଲମାନପିଲାଙ୍କ ଶିକ୍ଷାନିମନ୍ତେ ମଉଲା ମଦ୍ରସା ନାମରେ ଗୋଟିଏ ବିଦ୍ୟାଳୟ ବ ୧୩ ବର୍ଷ ହେଲା ସ୍ଥାପିତ ହୋଇ ଅନେକ ବର୍ଷ ସୁଶୃଙ୍ଖଳରୂପେ ଚାଲିଥିଲା ଉତ୍ତାରୁ ବ ୩ ବର୍ଷ ହେଲା ସାଧାରଣ ସାହାଯ୍ୟ ଅଭାବରୁ ଏଥିର ଅବସ୍ଥା ମନ୍ଦ ହୋଇଥିଲା । ମିଉନିସିପାଲିଟୀ ମଧ୍ୟ ସାହାଯ୍ୟ ବନ୍ଦ କରିଥିଲେ ମାତ୍ର ଭୂସ୍ୱାମୀ ଅବଦୁସ ସୋଭାନ ଖାଁ ଏବଂ କମିଟୀର ଅନ୍ୟାନ୍ୟ ସଭ୍ୟଙ୍କ ଉଦ୍ୟମରୁ ମିଉନିସିପାଲିଟୀ ଗତ ଅକ୍ଟୋବରମାସଠାରୁ ଦେବା ହେବାକୁ ଆରମ୍ଭ କରିଅଛନ୍ତି ଏବଂ ଅନ୍ୟାନ୍ୟ ବଦାନ୍ୟ ବ୍ୟକ୍ତିଙ୍କ ମଧ୍ୟରେ ସାମନ୍ତ ରଜନୀକାନ୍ତ ଦାସ ଜମିଦାର ଆପଣା ଭ୍ରାତୁଷ୍ପୁତ୍ର ସାମନ୍ତ ରାଧାଚରଣ ଦାସଙ୍କ ଶୁଭ ବିବାହୋପଲକ୍ଷରେ ଏକଶତ ଟଙ୍କା ଦାନ କରିବାରୁ ସ୍କୁଲଟି ଋଣଦାୟରୁ ମୁକ୍ତ ହୋଇ ପୁନର୍ବାର ଉନ୍ନତରୂପେ ଚାଲିବାର ଆଶା ହୋଇଅଛି । ଏହି ବିଷୟ ଲେଖି ଜଣେ ପତ୍ରପ୍ରେରକ ଖୋଲା ପାକେଟରେ ଦୁଇପଇସା ମାସୁଲ ଦେଇ ଖଣ୍ଡିଏ ପତ୍ର ଆମ୍ଭମାନଙ୍କ ନିକଟକୁ ପଠାଇଥିଲେ ମାତ୍ର ସ୍ଥାନୀୟ ଡାକଘର ତ ଭୁଲି ତହିଁ ଉପରେ ଟ ୦।୵ ବେରଙ୍ଗ ମାସୁଲ ଧାର୍ଯ୍ୟ କରିବାରୁ ଅଗତ୍ୟା ଆମ୍ଭେମାନେ ତାହା ନେବାକୁ ଅସ୍ୱୀକାର କଲୁଁ । ତହୁଁ ସେହି ପାକେଟ କଲିକତା ଡେଡ଼ଲେଟର ଅଫିସକୁ ଫେରି ଯାଇ ବିନା ମାସୁଲରେ ଆମ୍ଭମାନଙ୍କ ନିକଟକୁ ଆସିବାରୁ ଉପରଲିଖିତ ବିବରଣ ପ୍ରକାଶ କଲୁଁ । ସ୍ଥାନୀୟ ଡାକଘର ଭ୍ରମବଶତଃ ଅଧିକା ମାସୁଲ ବସାଇ-

Split by PDF Splitter
Digitized by srujanika@gmail.com

ସ୍ଥଳେ ସନ୍ଦେହ ନାହିଁ । ଏ ଭ୍ରମ ଦୂର କରନ୍ତିବାକୁ ଭରସା କରୁଁ ପୋଷ୍ଟମାଷ୍ଟର ଏହା ନିବାରଣର ବିହିତ ଉପାୟ କରିବେ । ପରନ୍ତୁ ସାମନ୍ତ ମହାଶୟ ମୁସଲମାନ ବିଦ୍ୟାଳୟର ହିତାର୍ଥେ ଯାହା ଦାନ କରିଅଛନ୍ତି ତାହା ବଡ଼ ପ୍ରଶଂସନୀୟ ଅଟେ । ବର୍ତ୍ତମାନ ସମୟରେ ନାନା ସ୍ଥାନରେ ହିନ୍ଦୁ ଓ ମୁସଲମାନମାନଙ୍କ ମଧ୍ୟରେ ଅନୈକ୍ୟ ଘଟିଥିବା ସ୍ଥଳେ ସାମନ୍ତ ମହାଶୟ ଏହି ଦାନଦ୍ୱାରା ଦେଖାଇ ଅଛନ୍ତି ଯେ ଭଦ୍ରଶ୍ରେଣୀର ଲୋକଙ୍କ ମଧ୍ୟରେ ସେପରି ଭେଦ ଜ୍ଞାନ ନାହିଁ । ବାସ୍ତବରେ କେବଳ ନିମ୍ନ ଓ ମୂର୍ଖ ଶ୍ରେଣୀର ଲୋକମାନଙ୍କ ହେତୁ ବିବାଦ ବଢ଼ୁଅଛି । ଯାହାଙ୍କ ହୃଦୟ ପ୍ରଶସ୍ତ ସେମାନେ ଜାତିଧର୍ମ ନିର୍ବିଶେଷରେ ଉପଯୁକ୍ତ ପାତ୍ରରେ ଦାନ କରନ୍ତି ।

---

ଓଡ଼ିଶା ଖାଲମାନଙ୍କର ଜଳକର ଆଦାୟ ସମ୍ବନ୍ଧରେ ଗବର୍ଣ୍ଣମେଣ୍ଟ ନୂତନ ନିୟମାବଳୀ ପ୍ରସ୍ତୁତକରି ସର୍ବ ସାଧାରଣଙ୍କ ଜାଣିବା କାରଣ ଗେଜେଟରେ ପ୍ରକାଶ କରି ଅଛନ୍ତି ଏବଂ ସେଥିସମ୍ବନ୍ଧରେ କାହାର କିଛି ଆପତ୍ତି ଅଛି କି ନାହିଁ ଜାଣିବାକୁ ଇଚ୍ଛା କରନ୍ତି । ଏହି ନିୟମାବଳୀର ଏକ ପ୍ରସ୍ଥ ଲିପି ଓଡ଼ିଶାର ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଉତ୍କଳ ସଭାକୁ ପଠାଇ ସଭାର ମତାମତ ପ୍ରାର୍ଥନା କରି ଅଛନ୍ତି । ଓଡ଼ିଶାର ଜମିଦାର ଓ ପ୍ରଜାବର୍ଗଙ୍କର ଏହି ନିୟମାବଳୀ ପାଠକରି ଯାହାର ଯାହା ଆପତ୍ତି ଥାଏ ଅବିଳମ୍ବେ ପ୍ରକାଶ କରନ୍ତୁ ।

ନିୟମାବଳୀର ସଂକ୍ଷେପ ମର୍ମ ଏହି କି ଯେ ସମସ୍ତ ଉଚ୍ଚଭୂମିକୁ ସହଜେ ଜଳ ମାଡେ ନାହିଁ ଏବଂ ଯେ ସବୁ ନିମ୍ନ ଭୂମିରେ କେବେ ଖାଲଜଳର ପ୍ରୟୋଜନ ହୁଏ ନାହିଁ ସେ ସବୁ ଛାଡ ଦିଆଯାଇ ଯେଉଁ ଭୂମିରେ ଜଳ ମାଡିପାରେ କେବଳ ସେହି ଜମି ନିମନ୍ତେ ଜଳକର ଧାର୍ଯ୍ୟ ଦିଆଯିବ ଏବଂ ତହିଁମଧ୍ୟରୁ ଯେଉଁ ଜମିରେ ପ୍ରତିବର୍ଷ ଜଳ ନ ମାଡିଲେ କ୍ଷେତ ହେବ ନାହିଁ ତହିଁ ନିମନ୍ତେ ବାର୍ଷିକ ମାଣପ୍ରତି ଟ ୧୲ ଏବଂ ଯହିଁରେ କେବଳ ମରୁଡି ବର୍ଷେ ଜଳ ଲୋଡା ହୁଏ ତହିଁ ନିମନ୍ତେ ମାଣପ୍ରତି ଟ ୦୲ କରି ନିଆଯିବ ମାତ୍ର ସାଇସାଲି କବୁଲିୟତ ନ କଲେ ଅଧିକ ଦର ଦେବାକୁ ହେବ । ଯଥା ରବିଆଳ ଓ ଦାଲିଧ ମା. ଲେଖ ଟ ୩୲ ବାଜ୍ରି-ଜଫା ତମାଖୁ ଆଳୁ ଗହମ ପ୍ରଭୃତି ଟ ୧୲ ସପ-ଟେପି ପ୍ରଭୃତି ଟ ୧୯ ଓ ଆଖୁ ଟ ୩୯ କା । ବର୍ଷାକାଳର ଫସଲ ସକାଶେ ତା ୨୫ ରିଖ ଜୁନଠାରୁ ତା ୩୦ ରିଖ ନଭେମ୍ବର ପର୍ଯ୍ୟନ୍ତ ଜଳ ଦିଆଯିବ । ଏହି ଅବସରରେ ସମସ୍ତ ଜଳକର ଆଦାୟ ହେବ । ବସ୍ତୁତଃ ଆଗ୍ରୀମ ହେବ ନାହିଁ । ରବିଆଳ ଓ ଦାଲିଧର କର ପ୍ରଥମ ସନର ରବି ଇତ୍ୟାଦିର କର ବୈଶାଖମାସରେ ଏବଂ ଦାଲୁଅର କର ଆଷାଢ଼ମାସରେ ଦେବାକୁ ହେବ । ଗୃହକାର୍ଯ୍ୟ ଏବଂ ଖାଦ୍ୟର ବ୍ୟବହାର ନିମନ୍ତେ ପୁଷ୍କରିଣୀର ଜଳ ନେଲେ କିଛି ଦେବାକୁ ହେବ ନାହିଁ ମାତ୍ର ଗୃହ ଛଡ଼ା ଅନ୍ୟକାର୍ଯ୍ୟ ନିମନ୍ତେ ପୁଷ୍କରିଣୀର ଜଳ ନେଲେ ମୂଲ୍ୟ ଦେବାକୁ ହେବ ଦଶହଜାର ଘନଫୁଟକୁ ଏକଟଙ୍କା ଲେଖାଏଁ । ଏହି ନିୟମାବଳୀ ମେଦିନୀପୁରରେ ପ୍ରଚଳିତ ଥିବା ନିୟମାନୁସାରେ ହୋଇଅଛି ଏବଂ ଯେବେ କାର୍ଯ୍ୟକାରକମାନେ ନିୟମ କର୍ତ୍ତାଙ୍କ ଉଦ୍ଦେଶ୍ୟକୁ ବ୍ୟର୍ଥ ନ କରନ୍ତି ତେବେ ପ୍ରଜାମାନଙ୍କ ପ୍ରତି କୌଣସି ଅତ୍ୟାଚାର ହେବା କଥା ନାହିଁ । ପ୍ରଜାମାନେ ଏଣିକି ପୂର୍ବପରି କବୁଲିୟତ ନ କରିବାର ଦେଖି କର୍ତ୍ତୃପକ୍ଷମାନେ ସ୍ୱୀକାର କରିବାକୁ ପ୍ରସ୍ତୁତ ହୋଇଅଛନ୍ତି ସୁଖର ବିଷୟ ଅଟେ । ଆମ୍ଭେମାନେ ଏତିକି ଆଶା କରୁଁ କି ଜଳକର ବନ୍ଦୋବସ୍ତ ଆଦାୟ ଏବଂ ଛାଡ଼ ସମ୍ବନ୍ଧରେ ବାରକମାସ୍ତ୍ରସ୍ଥ ମହକୁମାର ଆଦେଶ ବିରୁଦ୍ଧରେ ରେବିନ୍ୟୁ ବିଭାଗରେ ଅପିଲ ହୋଇ ପାରିବ । ଏକ ଏଲ୍କାରେ ସବୁ କ୍ଷମତା ରହିଲେ କେତେ ଅନ୍ୟାୟ ଘଟିବା ଅସମ୍ଭବ ନୁହେ ।

---

## ଚୀନ ଯୁଦ୍ଧ ।

ଚୀନ ପୁନଃ ପରାସ୍ତ ହୋଇ ଏକ ଯୁଦ୍ଧରେ ଜାପାନକୁ ଦଖଲ ଦେଇଥିବାର ଗତ ପୂର୍ବ ସପ୍ତାହରେ ଆମ୍ଭେମାନେ ଲେଖିଥିଲୁଁ ଏବଂ ତହିଁରୁ ଚୀନ ଜାଗ୍ରତ ହେବାର ଆଶା ହେଉଥିଲା ମାତ୍ର ଯୁବା ଜାପାନର ସୁଶିକ୍ଷା ଏବଂ ଉତ୍ସାହ ନିକଟରେ ବୃଦ୍ଧ ଚୀନ ସ୍ଥିର ହୋଇ ପାରିଲା ନାହିଁ ଅର୍ଥାତ୍ ବନ୍ଦରର ପତନରେ ଚୀନର ଦଫା ରଫା ହୋଇଅଛି ବୋଲିବାକୁ ହେବ । ଏହି ବନ୍ଦର ଚୀନର ଗୋଟିଏ ପ୍ରଧାନ କିଲ୍ଲା ଏବଂ ଏହା ଏମନ୍ତ ସୁଦୃଢ଼ ଏବଂ ସୁରକ୍ଷିତ ଯେ ଏହାକୁ ଆକ୍ରମଣ କରିବା ସାମାନ୍ୟ ବଳର କଥା ନୁହଇ । ଜାପାନ ଏହି ବନ୍ଦର ଦଖଲକୁ ଅଗ୍ରସର ହେବାରୁ ଚୀନ ଅଧିକା ଏକଶତ ତୋପ ସଜାଇ ଅନ୍ତର ଉଦ୍ୟାନ କରିଥିଲା । ଆଶ୍ଚର୍ଯ୍ୟର ବିଷୟ ଏତେ ସୁଦୃଢ଼ କିଲ୍ଲା ପଞ୍ଚଘଣ୍ଟା ଯୁଦ୍ଧ ଉତ୍ତାରୁ ଜାପାନର ହସ୍ତଗତ ହେଲା । ଜାପାନ ସେନାମଧ୍ୟରୁ କେବଳ ଅଢ଼େଇଶତ ମରିପଡ଼ିଅଛନ୍ତି ମାତ୍ର ଚୀନର ଦଶସହସ୍ର ସେନା ଜଣର ଅଦୃଶ୍ୟ ହେଲେ ନିଶ୍ଚୟ ଜଣା ଯାଇ ନାହିଁ । ଅନୁମାନ ଅନେକ ସେନା ଛିନ୍ନ ଭିନ୍ନ ହୋଇ ପଳାଇ ଗଲେ ଏବଂ ଯୋଦ୍ଧାଏ ରଣତରୀରେ ଆଶ୍ରୟ ନେଇ ତହିଁ ସହିତ ସମୁଦ୍ରରେ ବୁଡିମଲେ । ଚୀନର ସେନା ବଳ ବା ଯୁଦ୍ଧର ଉପକରଣ ଊଣା ନ ଥିଲା ଏବଂ କିଲ୍ଲା ରକ୍ଷାର କୌଶଳରେ କିଛି ମାତ୍ର ତ୍ରୁଟି ନ ଥିଲା କେବଳ ସେନାପତିମାନେ ଅତି ବୃଦ୍ଧ ଏବଂ ଅତି ଦୁର୍ବଳ ଥିବା ହେତୁ ସମସ୍ତ ବିଫଳ ହେଲା । ସେନାପତିମାନେ ଠାଣ ଥିଲେ ଏ ଦୁର୍ଦ୍ଦଶା ଘଟି ନ ଥାନ୍ତା । ସେନାପତିମାନେ ସମ୍ରାଟଙ୍କ ଆଦେଶରେ ଦଣ୍ଡିତ ହେଉଅଛନ୍ତି ମାତ୍ର ତହିଁରେ ଗଲା କଥା ଲେଉଟି ଆସିବ ନାହିଁ । ଜାପାନ ପ୍ରଶଂସନୀୟ ଜୟଲାଭ କରି କ୍ରମାଗତ ଯେପରି ଦମ୍ଭରେ ଅଗ୍ରସର ହେଉଅଛି ଚୀନର ରାଜଧାନୀ ପେକିନ ନଗରରେ ପହଞ୍ଚିବାକୁ ବିସ୍ତର ବିଳମ୍ବ ହେବ ନାହିଁ ଏବଂ ସେ ନଗର ଆକ୍ରମଣ ନ କରିବା ପର୍ଯ୍ୟନ୍ତ ଜାପାନ କ୍ଷାନ୍ତ ହେବ ନାହିଁ । ଯୁଦ୍ଧ ଆରମ୍ଭରେ ଜାପାନ ଯାହା ସଙ୍କଳ୍ପ କରିଥିଲା କି ଚୀନକୁ ଏକାବେଳକେ ବସାଇ ଦେବ ଫଳରେ ତାହାଇ ଘଟିଲା । ଚୀନ ଆପଣାର ଦୁର୍ବଳତା ଲକ୍ଷଣ ବୁଝି ପାରି ଏଥିମଧ୍ୟରେ ଆମେରିକାଦ୍ୱାରା ସନ୍ଧିର ପ୍ରସ୍ତାବ ଜାପାନକୁ ପଠାଇ ଅଛି । ସ୍ୱୟଂ ପ୍ରାର୍ଥୀ ହେବାରୁ ଜାପାନ ସହସା ଅଗ୍ରାହ୍ୟ କରି ପାରିବ ନାହିଁ ଏବଂ ଆମେରିକାର ସଭାପତି ଯେସ୍ଥଳେ ପୂର୍ବରୁ ମଧ୍ୟସ୍ଥତା କରିବାକୁ ସ୍ୱୀକୃତ ହୋଇଅଛନ୍ତି ଏବଂ ଇଂଲଣ୍ଡ ରୁଷିୟା ପ୍ରଭୃତି ସନ୍ଧିର ସପକ୍ଷରେ ଅଛନ୍ତି ସେସ୍ଥଳେ ଆଶା ହେଉଅଛି ଯେ ଚୀନର ପ୍ରାର୍ଥନା ବ୍ୟର୍ଥ ହେବ ନାହିଁ । ଅନ୍ତତଃ ସନ୍ଧିର ନିୟମାବଳୀ ସ୍ଥିର ହେବା ପର୍ଯ୍ୟନ୍ତ ଯୁଦ୍ଧ ସ୍ଥଗିତ ରହି ।

---

## ତକାବିଦାଦନ ।

ଜମିଦାର ଓ ପ୍ରଜାଙ୍କ ସାହାଯ୍ୟ ନିମନ୍ତେ ସରକାରଙ୍କର ଯୋଡିଏ ଆଇନ ପ୍ରଚଳିତ ଅଛି ଯଥା (୧) ଭୂସମ୍ପତ୍ତିର ଉନ୍ନତି ନିମନ୍ତେ ଦାଦନ ବିଷୟ ସନ ୧୮୮୩ ସାଲର ୧୯ ଆଇନ ଏବଂ (୨) କୃଷିକାରର ଦାଦନ ବିଷୟକ ସନ ୧୮୮୪ ସାଲର ୧୨ ଆଇନ । ପ୍ରଥମ ଲିଖିତ ଆଇନର ଉଦ୍ଦେଶ୍ୟ ଏହି କି ଯେଉଁ ଜମିଦାର ଓ ଦଖଲିସ୍ୱତ୍ୱବାନ୍ ପ୍ରଜାମାନେ ସମ୍ପତ୍ତିର ଚିର ସ୍ଥାୟୀ ଉନ୍ନତି ଯଥା ବନ୍ଧଜାଲ ଇତ୍ୟାଦି ନିର୍ମାଣ କରିବାକୁ ଇଚ୍ଛା କରନ୍ତି ମାତ୍ର ସଙ୍ଗତି ଅଭାବରୁ କରିପ

Split by PDF Splitter



ଉନ୍ତି ନାହିଁ ସେମାନେ ସରକାର ନିକଟରୁ ଅଳ୍ପ ସୁଧରେ ଟଙ୍କା ଋଣ ନେଇ ତାହା କରିପାରିବେ । ୨ୟ ଆଇନର ଅଭିପ୍ରାୟ ଏହିକି ଯେ ଯେତେବେଳେ କୌଣସି ପ୍ରଜା ବିହନ ଅଥବା କୃଷିକାର୍ଯ୍ୟର ଅସ୍ତ୍ରଶସ୍ତ୍ର ବା ବଳଦ ଅଭାବରେ ଚାଷକରିବାକୁ ଅକ୍ଷମ ହେବ ସେତେବେଳେ ସେ ସରକାରଙ୍କଠାରୁ ଅଳ୍ପ ସୁଧରେ ଟଙ୍କା ଦାଦନ ନେଇ ଚାଷକରିବା ଏବଂ ଉଦ୍ଧାର ଜୀବିକା ନିର୍ବାହ କରିବାକୁ ସକ୍ଷମ ହେବ । ଉଭୟ ଆଇନର ଉଦ୍ଦେଶ୍ୟ ମହତ୍ ଏବଂ ଉଭୟସ୍ଥଳେ ଏକତ୍ରେ ବା କିସ୍ତିବନ୍ଦିଦ୍ୱାରା ଟଙ୍କା ପରିଶୋଧ କରିବାର ନିୟମ ଅଛି । ଏଥିକୁ ବଙ୍ଗଦେଶ ବିଭାଗର ଗତ ବାର୍ଷିକ ରିପୋର୍ଟରୁ ପ୍ରକାଶ ଯେ ପ୍ରଥମ ଲିଖିତ ଆଇନାନୁସାରେ ବଙ୍ଗ ପ୍ରଦେଶର କଲେକ୍ଟରମାନେ ୧ଲକ୍ଷ ୧୩ହଜାର ଟଙ୍କା ଦାଦନ ଦେବାର ପ୍ରସ୍ତାବ କରିଥିଲେ । ତହିଁମଧ୍ୟରୁ ୭୪ ହଜାର ଅର୍ଥାତ୍ ଅଧିକରୁ କିଛି ଊଣା ଗବର୍ଣ୍ଣମେଣ୍ଟ ମଞ୍ଜୁର କଲେ ମାତ୍ର ପ୍ରକୃତରେ ୨୧ ହଜାରରୁ ଅଧିକ ଟଙ୍କା ଋଣ ଦିଆ ନ ଗଲା ୨ୟ ଲିଖିତ ଆଇନାନୁସାରେ ୧ଲକ୍ଷ ୧୩ ହଜାର ଟଙ୍କା ଦାଦନ ଦିଆଯାଇଥିଲେ ହେଁ କୃଷିମାନେ ଗତ ଦୁର୍ବର୍ଷ ଫସଲହାନି ହେତୁ ଆହୁରି ଅନେକ ଟଙ୍କା ପ୍ରାର୍ଥନା କରିଥିଲେ ମାତ୍ର କୃତକାର୍ଯ୍ୟ ହୋଇପାରିଲେ ନାହିଁ । ପ୍ରାର୍ଥନା ଅନୁସାରେ ଋଣ ଦିଆ ନ ଯିବାର ପ୍ରଧାନ କାରଣ ଜାମିନଦେଇ ନ ପାରିବା ଅଟେ । ସମ୍ପତ୍ତିର ଉନ୍ନତସ୍ଥଳେ ପ୍ରଚୁର ଜାମିନ ଅଭାବରେ ଟଙ୍କା ନ ପାଇବା ସେତେ ବାଧକ ନୁହେ । ମାତ୍ର କଷ୍ଟ ସମୟରେ ପ୍ରଜାଙ୍କୁ ସାହାଯ୍ୟକରିବାର ଆବଶ୍ୟକତା ପ୍ରତ୍ୟକ୍ଷ ହେବା ସ୍ଥଳେ ଜାମିନ ପ୍ରଚୁର ନ ହେବା କାରଣରେ ଋଣ ନ ଦେବା ବଡ ଦୁଃଖର ବିଷୟ । ଫଳତଃ ଜାମିନ ସହିତ କଠିନ ନିୟମ ହେତୁ ସନ ୧୮୮୪ ସାଲର ୧୨ ଆଇନକୁ ସାହାଯ୍ୟ ଆଇନ ବୋଲି ପ୍ରକୃତ ମହାଜନୀ ଆଇନ ବୋଲିବାକୁ ହେବ । ପୁଣି ଆଉ ଏକ ନିୟମ ଏହି ଯେ ଯାହାର ଯୋତ ଦୁଇମାଣରୁ ଊଣା ସେ ଦାଦନ ପାଇବ ନାହିଁ । ସୁତରାଂ ଗରିବ ପ୍ରଜାଙ୍କ ସାହାଯ୍ୟ ନିମନ୍ତେ ଉକ୍ତ ଆଇନର ସୃଷ୍ଟି ହୋଇ ନାହିଁ । ସରକାର ଅନେକ ସମୟରେ ଦୁଃଖ କରନ୍ତି ଯେ କୃଷକ ପ୍ରଜାମାନେ ମହାଜନଠାରୁ ଅତ୍ୟଧିକ ସୁଧରେ ଟଙ୍କା ଋଣ ନେଇ ସମ୍ବଳହୀନ ହେଉଅଛନ୍ତି । ମାତ୍ର ପ୍ରଜାମାନଙ୍କର ମହାଜନର ଦ୍ୱାରସ୍ଥ ହେବା ଭିନ୍ନ ଉପାୟ ନାହିଁ । ମହାଜନ ସରକାରଙ୍କପରି କଠିନ ନିୟମ ବାନ୍ଧି ନ ଥିବାରୁ ପ୍ରୟୋଜନ ସମୟରେ ପ୍ରଜା ସହଜରେ ଋଣ ପାଉଅଛନ୍ତି । ଏଣେ ସରକାରଙ୍କର ସାହାଯ୍ୟ ଦାନର ସାଧୁ ଇଚ୍ଛା ନିୟମାବଳୀର କଠିନତାରେ ବ୍ୟର୍ଥ ହେଉଅଛି । ପୁନଶ୍ଚ ସରକାର ରିପୋର୍ଟରେ ଏହି କଥା ପ୍ରକାଶ ହେଉଥିବା ସ୍ଥଳେ ଉପଯୁକ୍ତ ଦୁଇ ଆଇନାନୁସାରେ ଋଣଦାନର ସୁବ୍ୟବସ୍ଥା କରିବା ବିଷୟରେ ଆଉ ବିଳମ୍ବ କରିବା ଉଚିତ ନୁହେ ।

---

## ପୁଲିଶଆଇନ ।

ପୁଲିଶସମ୍ବନ୍ଧୀୟ ସନ ୧୮୬୧ ସାଲର ୫-ଆଇନ ସଂଶୋଧନ ନିମନ୍ତେ ଖଣ୍ଡେ ଆଇନର ପାଣ୍ଡୁଲିପି ଭାରତ ଗବର୍ଣ୍ଣମେଣ୍ଟଙ୍କ ସଭାରେ ଆନୀତ ହୋଇ ସର୍ବସାଧାରଣଙ୍କ ଗୋଚରାର୍ଥେ ପ୍ରକାଶିତ ହୋଇଅଛି । ପୁଲିଶ କର୍ମଚାରୀଙ୍କ ଅଧିକାର ଏବଂ ଦଣ୍ଡ ବିଷୟରେ ଛୋଟଛୋଟ ପ୍ରଚଳିତ ବ୍ୟବସ୍ଥାର ସାମାନ୍ୟ ପରିବର୍ତ୍ତନ ଛଡ଼ା ଏହି ପାଣ୍ଡୁଲିପିରେ ଦୁଇଟି ପ୍ରଧାନ ବ୍ୟବସ୍ଥା ସଂଯୋଜନ ହେବାର ପ୍ରସ୍ତାବ ହୋଇଅଛି । ୧ ମ—ଯେଉଁ ସ୍ଥାନରେ କୌଣସି ଉପଦ୍ରବ ବା ଦସ୍ୟୁ ନିବାରଣ ଉଦ୍ଦେଶ୍ୟରେ ଆଇନର ଧା ୧୫ ସ ଅନୁସାରେ ଅତିରିକ୍ତ ପୁଲିଶ ରହିବାର ଆବଶ୍ୟକ ହେବ ସେହି ପୁଲିସର ବ୍ୟୟ ସେସ୍ଥାନର ଅଧିବାସିଙ୍କଠାରୁ ଆଦାୟ କରିବାର ବିଧି ଅଛି ମାତ୍ର ଏଥିରେ ଦୋଷୀ ନିର୍ଦ୍ଦୋଷୀ ମଧ୍ୟରେ ପ୍ରଭେଦ ନାହିଁ । ଅତଏବ ସଂଶୋଧିତ ବିଧିରେ ଏହି ପ୍ରସ୍ତାବ ହୋଇ ଅଛି କି ମାଜିଷ୍ଟ୍ରେଟଙ୍କ ବିବେଚନାରେ ଯେଉଁମାନେ ନିର୍ଦ୍ଦୋଷୀ ଥିବାର ଜଣାଯିବ ସେମାନେ ଏହି ଖରଚ୍ଚଦାୟରୁ ମୁକ୍ତି ପାଇବେ ମାତ୍ର ଜମିଦାରମାନେ ସେ ଏଲାକା ମଧ୍ୟରେ ବାସ କରୁ ନ ଥିଲେ ସୁଦ୍ଧା ଖରଚ୍ଚଦାୟରୁ ମୁକ୍ତି ନ ପାଇଲେ ତାହା ଦେବାକୁ ବାଧ୍ୟ ହେବେ । ୨ୟ—ଯେଉଁସ୍ଥଳେ ଧା୧୫ ସ ଅନୁସାରେ ଅତିରିକ୍ତ ପୁଲିସ ନିଯୁକ୍ତ ହୋଇପାରନ୍ତା ମାତ୍ର ତାହା ହୋଇ ନ ଥିବ ସେସ୍ଥଳେ ଯେଉଁ ଅଧିବାସିମାନଙ୍କ ଅଥବା ଜମିର ସତ୍ତ୍ୱବାନ୍ ବ୍ୟକ୍ତିଙ୍କ ଦୁଷ୍କୃତ ହେତୁ ମୃତ୍ୟୁ ଗୁରୁତର ପୀଡ଼ା ଅଥବା ସମ୍ପତ୍ତିର ଅନିଷ୍ଟ ଘଟିବ ସେମାନଙ୍କଠାରୁ ଜିଲାର ମାଜିଷ୍ଟ୍ରେଟ ସ୍ଥାନୀୟ ଗବର୍ଣ୍ଣମେଣ୍ଟଙ୍କ ଅନୁମତି ନେଇ କ୍ଷତିପୂରଣ ଆଦାୟ କରି କ୍ଷତିଗ୍ରସ୍ତ ବ୍ୟକ୍ତିମାନଙ୍କୁ ଦେବେ । ଲୋକଙ୍କ ଅବସ୍ଥା ବିବେଚନାରେ କ୍ଷତିପୂରଣ ଟଙ୍କା ଆଦାୟ ହେବ ଏବଂ ନିର୍ଦ୍ଦୋଷି ମାନଙ୍କୁ ଛାଡ଼ ଦିଆଯିବ । ୩ ୟ—ବିବାହ ବା ଧର୍ମକାର୍ଯ୍ୟ ଉପଲକ୍ଷରେ ଚଳବଳ ଅଥବା ବାଜା ସେନ ରାଜପଥରେ ବାହାରିବା ନିମନ୍ତେ ପୁଲିସଠାରୁ ଲାଇସେନସ୍ ଅର୍ଥାତ୍ ଅନୁମତିପତ୍ର ନେବାର ବିଧି ଅଛି ଓ ଧା ୩୨ ସରେ ବିଧି ଲଙ୍ଘନନିମନ୍ତେ ଅର୍ଥଦଣ୍ଡ ହେବାର ଲେଖାଅଛି । ମାତ୍ର ସେବିଧି ସ୍ପଷ୍ଟ ନୁହେ । ଅତଏବ ପ୍ରସ୍ତାବ ହୋଇ ଅଛି ଯେ ଲାଇସେନସରେ ବିଶେଷ ସର୍ତ୍ତମାନ ଲେଖାଯିବ ଏବଂ କୌଣସି ସର୍ତ୍ତ ଲଙ୍ଘନ କରିବାର ଦେଖାଗଲେ ମାଜିଷ୍ଟ୍ରେଟ ବା ଉଚ୍ଚଶ୍ରେଣୀର ପୁଲିସକର୍ମଚାରୀ ସେହି ଚଳବଳ ତତ୍କ୍ଷଣାତ୍ ଭାଙ୍ଗି ଦେବା କାରଣ ଆଦେଶ ଦେବେ । ଯେ ସ୍ଥଳେ ଉକ୍ତବିଧାନ ଗୁଡିକ ଆଇନରେ ରହିଅଛି ସେ ସ୍ଥଳେ ଏ ସଂଶୋଧନ ଗୁଡିକ ଆବଶ୍ୟକୀୟ ଏବଂ ନ୍ୟାୟସଙ୍ଗତ ଅଟେ ଏବଂ ଏହା ଜାରି କଲେ କାହାର ଆପତ୍ତି ହେବ ନାହିଁ । ମାତ୍ର ପୁଲିସର ଚରିତ୍ର ସଂଶୋଧନ ନ ହେଲେ ଲୋକଙ୍କର ରକ୍ଷା ନାହିଁ । ଏ ବିଷୟରେ ବହୁଳ ଉପାୟ ଅବଲମ୍ବନ କରିବା କର୍ତ୍ତୃପକ୍ଷଙ୍କର ସର୍ବ ପ୍ରଧାନ କାର୍ଯ୍ୟ ହେଉଅଛି । ମାଜିଷ୍ଟ୍ରେଟ ସିନା ପୁଲିସର କଥା ଶୁଣି ଦୋଷୀ ନିର୍ଦ୍ଦୋଷୀ ବାଛିବେ । ତାହା ହେଲେ କେତେବେଳେ ଦୋଷୀ ନିସ୍ତାର ପାଇପାରେ ଓ ନିର୍ଦ୍ଦୋଷୀ ଦାୟଗ୍ରସ୍ତ ହେବା ଅସମ୍ଭବ ନୁହେ । ମାଜିଷ୍ଟ୍ରେଟ ଯେବେ ସବୁ ସମୟରେ ପ୍ରକୃତ ଦୋଷୀ ବାହାର କରିବାକୁ ସକ୍ଷମ ହୁଅନ୍ତେ ତେବେ ଏପରି ଆଇନର ଅପେକ୍ଷା ଆବଶ୍ୟକ ହୁଅନ୍ତା ନାହିଁ । ଗ୍ରାମବାସିମାନେ କେତେକର ଅପରାଧ କରିଥିବା ବ୍ୟକ୍ତିଙ୍କୁ କେବେ୨ ଲୁଚାଇ ରଖନ୍ତି ବୋଲି ଏ ଆଇନର ଆବଶ୍ୟକ ହୋଇଅଛି । ଯେଉଁଠାରେ ସେପରି ହେବ ସେଠାରେ ସମସ୍ତଙ୍କ ଅର୍ଥଦଣ୍ଡ ନେବା ଭିନ୍ନ ଅନ୍ୟ ଉପାୟ ନାହିଁ । ସୂକ୍ଷ୍ମ ବିଚାର କରି ସମସ୍ତ ନିର୍ଦ୍ଦୋଷୀ ବ୍ୟକ୍ତିଙ୍କୁ ବାଛି ନ ପାରିଲେ ଗବର୍ଣ୍ଣମେଣ୍ଟଙ୍କ ସାଧୁ ଅଭିପ୍ରାୟ ସଫଳ ହେବ ନାହିଁ ।

## ସାପ୍ତାହିକ ସମ୍ବାଦ ।

ଏ ସପ୍ତାହ ଆରମ୍ଭରେ ଶୀତ ଅତ୍ୟନ୍ତ ଊଣ ଥିଲା ଗତ ବୃହସ୍ପତିବାରଠାରୁ ଶୀତ ଅନୁଭୂତ ହେଉଅଛି । ଲୋକଙ୍କର ସ୍ୱାସ୍ଥ୍ୟ ଭଲ ଅଛି ।

କଟକର ମହାଲର ଅଃ ସୁପରିଣ୍ଟେଣ୍ଡେଣ୍ଟ ବାବୁ ସୁଦାମ୍ନି ଚନ୍ଦ୍ର ନାୟକ ... ନିମନ୍ତେ ଗତ ବୃହସ୍ପତିବାର ... ଯାତ୍ରା କରିଅଛନ୍ତି ।

Digitized by srujanika@gmail.com

ବାବୁ ବଙ୍କେକୃଷ୍ଣ ବନ୍ଦୋପାଧ୍ୟାୟ ପୁନର୍ବାର ପୃଷ୍ଠକରେ ମନୋଯୋଗ ଦେଇ କାର୍ଯ୍ୟ ଆରମ୍ଭ କଲେ ଏହା ସମସ୍ତଙ୍କ ପକ୍ଷରେ ସୁଖ ଓ ସୁବିଧାର କଥା।

## କଲିକତା-ଗେଜେଟ।

କାଲେଶ୍ୱରଷ୍ଟ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ କୃଷ୍ଣଚନ୍ଦ୍ର ଗୋସ୍ୱାମୀ ୧ମ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପ୍ରାପ୍ତ ହେଲେ।

ଓଡ଼ିଶା ବନ୍ଦରର ଏଃ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ମିଃ ଭବଇବ କୋଚାନ ଏକବାରେ ପଚ୍ଚୀ ଛୁଟୀ ପ୍ରାପ୍ତ ହୋଇଅଛନ୍ତି।

---

ଚୀନ ଗଜ୍ୟର ଟେଣ୍ଡଇଏନ ନାମକ ଏକ ଜାହାଜ ଜଲ ହାଇଲନ ବନ୍ଦରରେ ପ୍ରବେଶ ହେବା ସମୟରେ ଜାପାନୀୟ ଟରପିଡୋମାନ ଏହି ବାବୁ ସାଇ ତଡ଼ାକେ ବହିଯାଇ ଅଛି। ତହିଁର କ୍ଷ୍ରୋନ ଅଦ୍ଭୁତ ଡ଼ଡ୍ୟା କରିଅଛନ୍ତି।

ଜାପାନ ରାଜ୍ୟର ଏକ ଜନସଲ ନିଯୁକ୍ତ ହୋଇ କୋମ୍ପାନୀ ଠାରେ ଅବସ୍ଥାପିତ ହୋଇ ଥିବାର ସମ୍ବାଦ ମିଳଇ। ବାଣିଜ୍ୟ ବ୍ୟାପାର ବୃଦ୍ଧି କରିବା ଏଥିର ଉଦ୍ଦେଶ୍ୟ ଅଟଇ।

ଇଂଲଣ୍ଡେଶ୍ୱରୀ ରୁଷିୟାର ନୂତନ ସମ୍ରାଟଙ୍କୁ ସମ୍ମାନ ସୂଚକ ଗାର୍ଟର ଉପାଧି ପ୍ରଦାନ କରିଥିବାର ସମ୍ବାଦ ମିଳଇ। ଏହା ସୌହାର୍ଦ୍ଦ୍ୟର ଚିହ୍ନ ଅଟଇ।

ଚତ୍ତର ଇତାଲୀ ଏବଂ ବ୍ରହ୍ମଲ୍ୟା ଠାରେ ଘୋର ଭୂମିକମ୍ପ ଅନୁଭୂତ ହୋଇ ଥିବାର ସମ୍ବାଦ ମିଳଇ।

## ଯାଜପୁର-ସମ୍ବାଦ

ପ୍ରତିବର୍ଷ ଯାଜପୁର ସବରେଜିଷ୍ଟ୍ରାରଙ୍କ ଅଫିସରେ ପ୍ରାୟ ଦୁଇ ତିନି ଗୋଟା କୃତ୍ରିମ ଦଲିଲ ରେଜିଷ୍ଟ୍ରି ହୋଇ ଥିବାରୁ ତହିଁର ମକଦ୍ଦମା ଏଠାକାର ଫୌଜଦାରୀ ଅଦାଲତରେ ଦାୟର ହୋଇଅଛି। ଚେଣ୍ଡାଧିଆ ଗୁରଜା ଜଗନ୍ନାଥପୁର ମୌଜାର ସରବରାହକାର ସାହାଲାଙ୍କ ବାବୁ ନାମରେ ଗତ ଜୁନମାସ ତା ୭ ରଖରେ ତାହାର ନିଜ ମୌଜାରେ ଥିବା ଜମିଦାରୀ ମଧ୍ୟରୁ ରସନ ୫•୬ ଏକର ଓ ଖରିଦା ଜମାବନ୍ଦୀ ମଧ୍ୟରୁ ମା ୧/୧• ଯାହାର ଦକ୍ଷ୍ୟାଣ୍ୟ ମୂଲ୍ୟ ୫ ୧୫•୭ ଙ୍କା ହେବ, ତାହା ୫ ୫•୦୧ ଟା ମୂଲ୍ୟରେ କବଲା ଲେଖା ହୋଇ ତାହାର ଅନୁପସ୍ଥିତି ଓ ଅଜ୍ଞାତରେ ସବରେଜିଷ୍ଟ୍ରାରଙ୍କ ଠାରେ ଦାଖଲ ଓ ରେଜିଷ୍ଟ୍ରି ହୋଇଥିବାର ସେ ଗତ କାର୍ତ୍ତିକମାସରେ ଅବଗତ ହୋଇ, ସବାଦ ପାଇବା ନିମନ୍ତେ ଦରଖାସ୍ତ କରି କୃତ୍ରିମ କବୋଲାର ନକଲ ସବରେଜିଷ୍ଟ୍ରାରଙ୍କ ଅଫିସରୁ ନେଇ ଉକ୍ତ କବୋଲାର ମୁଦ୍ରିତ ତାରୀଖ ଦେଇ ଋଣଦାତା ରାଧୀଶ୍ୟାମଲ ଓ ସାକ୍ଷୀ ସାକ୍ଷୀ ବୈଦ୍ୟନାଥ ସାମଲ ସୁନ୍ଦର ସାମଲଙ୍କ ନାମରେ ପେନଲ କୋଡ଼ର ଧାରା ୧୬ ଧା ଓ ତତ୍ସମ୍ବନ୍ଧୀୟ ଅନ୍ୟ ଧାରା ୪୭୧ ଧା ଅନୁସାରେ ମକଦ୍ଦମା ଦାୟର ହୋଇ ବିଚାରାଧୀନରେ ଅଛି। ପ୍ରକୃତରେ ଯେଉଁମାନେ ଏପରି କୃତ୍ରିମ ଦଲିଲ ରେଜିଷ୍ଟ୍ରି କରନ୍ତି ଅନୁସନ୍ଧାନଦ୍ୱାରା ସେମାନଙ୍କ ଧର ଧରି ଦଣ୍ଡ ଦିଅନ୍ତେଲେ ଭବିଷ୍ୟତକୁ ଆଉ ଏପରି ହେବ ନାହିଁ।

ମିଉନିସିପାଲିଟୀର ଅବହେଳନରେ ଅତି ଶାଇନରେ ଥିବା କୁପ କୁକୁରମାନଙ୍କୁ ମାର ପଡ଼ାଉ ଅଛନ୍ତି; ଯେଉଁମାନଙ୍କର ପୋଷା କୁକୁର ଅଛି ସେମାନେ ଏହି ସମୟରେ ସାବଧାନ ହୋଇ ଆପଣା ପୋଷାକୁକୁରର ଗଳାରେ ଚମଡ଼ାର ପଟି ଦେବାକୁ ଅଳମ୍ବ କରନ୍ତୁ।

ଏବର୍ଷ ଏଠା ଫୌଜଦାରୀ ଅଦାଲତରେ ଧାନକଟା ସମ୍ବନ୍ଧରେ ଯେ କେତେକ କ୍ଷତର ହେଙ୍ଗାମା ଓ ଗୁଣ୍ଡାର ପାଇଁର ମକଦ୍ଦମା ଦାୟର ହୋଇ ବିଚାର ହେଉଅଛି ସେଥିର ମୂଳ କାରଣ ଗତ ସେଟେଲମେଣ୍ଟର ଖସଡ଼ା ଅମୀନଅବ ଅଟନ୍ତି। କାରଣ ଗତ ବନ୍ଦୋବସ୍ତରେ ଯେଉଁମାନଙ୍କ ନାମରେ ରଏତ ବା ଦଖଲକାର ସ୍ୱରୂପ ଜମୀ ଜପ୍ତ ଓ ବନ୍ଦୋବସ୍ତ ହୋଇଥିଲା ହୁଏତ ସେମାନେ ସେ ଜମିରୁ ବହୁ ଦିବସରୁ ବେଦଖଲ ହୋଇ ଅଛନ୍ତି। ବର୍ତ୍ତମାନ ସେଟଲମେଣ୍ଟରେ ତାଙ୍କର ଉତ୍ତରାଧିକାରୀମାନେ ଅମୀନଙ୍କୁ ବଶୀଭୂତ କରି ଆପଣାର ନାମ ଦଖଲକାରରେ ଲେଖାଇ ଅଛନ୍ତି। ଅଥବା କେଉଁଠାରେ ଜମିଦାର ପ୍ରକୃତ ଜମିର ମାଲିକମାନଙ୍କ ପ୍ରଜାମାନଙ୍କୁ ବେଦଖଲ କରିବା ନିମନ୍ତେ ସାବକ ବନ୍ଦୋବସ୍ତ ପ୍ରଜାର ଉତ୍ତରାଧିକାରୀଙ୍କର ନାମ ବର୍ତ୍ତନ କରାଇ ନିଜ ଯୋଗ ବା ଘର ଯୋଗରେ ଅମୀନଙ୍କଠାରୁ ପାରଶ୍ୱ ନେଇ ଅଛନ୍ତି। ସେଟେଲମେଣ୍ଟର ହାକିମମାନେ ବକାୟୀ ନଷ୍ଟ ବା ଅଟେଷ୍ଟେସନ ସମୟରେ କେବଳ ସରସରି ତଦନ୍ତ କରି ନିଷ୍ପତ୍ତି କରି ଦେଇ ଥିବାରୁ ସେଥିରେ ହୁଏତ ପ୍ରକୃତ ଦଖଲକାର ବେଦଖଲ ହେଉଅଛନ୍ତି। ଏପରି ଅବସ୍ଥାରେ ଉକ୍ତ ଜମିରେ ଥିବା ଧାନ୍ୟଫସଲ କାଟିବା ସମୟରେ ଉଭୟପକ୍ଷରୁ ଦଙ୍ଗା, ହେଙ୍ଗାମା ଓ ଯକ୍ଷମ ହୋଇ ବର୍ତ୍ତମାନ ମକଦ୍ଦମା ଉପସ୍ଥିତ ହେଉଅଛି। ମାତ୍ର ଯେଉଁମାନେ ବନ୍ଦୋବସ୍ତରେ ଅକୃତ କାର୍ଯ୍ୟ ହେଉ ଅଛନ୍ତି। ଯଦିଚ ସେମାନଙ୍କର ଦଖଲ ଜମିର ଧାନ୍ୟଫସଲ ଅନ୍ୟପକ୍ଷ କାଟି ନେଇ ଗଲେ ତେବେ ସେମାନେ ଫୌଜଦାରୀ ଅଦାଲତରେ ମକଦ୍ଦମା ଦାୟର କରି ଏକକାଳେ ଦେୱାନୀ ଅଦାଲତରେ ଆପଣାର ସତ୍ତ୍ୱ ସାବ୍ୟସ୍ତ ଓ ଖେସାରତ ପାଇବାର ନାଲିସ କଲେ ଉତ୍ତମ ହୁଅନ୍ତା। ବିଶେଷରେ ସେଟେଲମେଣ୍ଟ ହାକିମମାନେ ଏତେ ସରସରି କଲେ ନ କରି ପ୍ରକୃତ ଦଖଲକାର କିଏ? ଏ ବିଷୟରେ କିଛି ପରିଶ୍ରମ ଓ ମନୋଯୋଗପୂର୍ବକ ନିଷ୍ପତ୍ତି କରିଥିଲେ ହୁଏତ ଏତେ ଫୌଜଦାରୀ ଓ ଗୋଲମାଲ ଅବଶ୍ୟ ହୁଅନ୍ତା ନାହିଁ।

ଅନାବୃଷ୍ଟି ଧାନକଟା ଉପସ୍ଥିତ ହୋଇ ଥିବାରୁ କୃଷିମାନେ ଅହାର ନିଦ୍ରା ପରିତ୍ୟାଗ କରି ସମସ୍ତେ ଆପଣା ଧାନ କାଟିବାରେ ବ୍ୟସ୍ତ। ଏଥିରେ ପୁଣି ସେଟେଲମେଣ୍ଟ ହାକିମମାନେ ସ୍ଥାନେ ଅଟେଷ୍ଟେସନ କରୁଥିବାରୁ ସମସ୍ତ ପ୍ରଜା ରାଇଯତଦାର ଓ ଜମିଦାରମାନଙ୍କୁ ତାଙ୍କଠାରେ ହାଜର ହେବା ନିମନ୍ତେ ନୋଟିସ ଜାରି ହୋଇଅଛି। ମାତ୍ର ନୋଟିସରେ କାହାର ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ ନ ଥିବାରୁ ପ୍ରାୟ ତାବତୀୟ ମୌଜାର ପ୍ରଜା ଜମିଦାରମାନଙ୍କୁ ପ୍ରତିଦିନ ହାଜର ହୋଇ ବୃଥାରେ ବସି ଫେରି ଆସିବାକୁ ହେଉଅଛି। ଏଥିରେ ଏ ଧାନକଟା ସମୟରେ କୃଷିମାନଙ୍କ ପକ୍ଷରେ ଯେ କେତେଦୂର ଅସୁବିଧା ଓ କଷ୍ଟ ହେଉଅଛି, ତାହା ଭୁକ୍ତଭୋଗୀ ଭିନ୍ନ ଅପର କେହି ଅନୁଭବ କରି ପାରିବେ ନାହିଁ। ଏମନ୍ତ ସ୍ଥଳରେ ଅଟେଷ୍ଟେସନ ହାକିମ ଓ ତାଙ୍କର ପ୍ରଧାନ କର୍ମଚାରୀମାନଙ୍କଠାରେ ପ୍ରାର୍ଥନା ଯେ ପ୍ରତିଦିନ ଏକ ବା ଅଧିକ ମୌଜାରେ ଯେତେ ନମ୍ବର ପର୍ଯ୍ୟନ୍ତ ଅଟେଷ୍ଟେସନ କାର୍ଯ୍ୟ ହୋଇ ପାରିବ ସେହି ପରିମାଣ ନମ୍ବରମାନର ପ୍ରଜା ଓ ଜମିଦାରମାନଙ୍କ ନାମରେ ନିର୍ଦ୍ଦିଷ୍ଟ ତାରିଖ ଧାର୍ଯ୍ୟ କରି ସେମାନଙ୍କ ନାମରେ ହାଜର ହେବାର ନୋଟିସ କଲେ ହାକିମ ଅମଲା ଓ ସେମାନଙ୍କର ବିଶେଷ ସୁବିଧା ହେବ। ଏ ବିଷୟରେ ସେଟେଲମେଣ୍ଟ ହାକିମମାନେ ମନ ନିବେଶ କରିବେ।

ଏଠା ହାଇସ୍କୁଲର ରାମଚନ୍ଦ୍ର ମହାନ୍ତି ନାମକ ଜଣେ ପ୍ରବେଶିକା ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ର ପୁଲିସ ସବଇନ୍ସପେକ୍ଟରୀ ପରୀକ୍ଷାରେ ଅଧିକ ପଢ଼ି ପରୀକ୍ଷା ଦେବା ନିମନ୍ତେ କଟକ ଯାଇ ଥିଲେ। ମାତ୍ର ମାପ ହେବା ସମୟରେ ଛାତିରେ କିଛି କମ ହେବାରୁ ତାଙ୍କୁ ପରୀକ୍ଷାରେ ଗ୍ରହଣ କରିବାର ନାହିଁ ସମରଚନ୍ଦ୍ର ବାବୁଙ୍କର ସେଥି ନିମନ୍ତେ ଉଦ୍ୟୋଗ ହେବା ଉଚିତ ନୁହେଁ ବୋଧହୁଏ ଆଗାମୀ ବର୍ଷକୁ ସେ ମାପରେ ଠିକ ହୋଇ ପାରିବେ।

ଗତ ହାଇବଷୀ ଅବିବୃଲଅଲ ନାମକ ଏକଜଣ ବୃଦ୍ଧ କେତେକ ଦିନ ହେଲା ଏଠାରେ ପହୁଞ୍ଚି ଉକ୍ତ କର୍ଣ୍ଣ ଗରମି ଓ ଧାତୁଅବ ରୋଗମ ଆରୋଗ୍ୟ କରିବା ନିମନ୍ତେ ସାଇନବୋର୍ଡ ଟାଙ୍ଗି ବିଜ୍ଞାପନ ଦେଇ ଅଛନ୍ତି ମଧ୍ୟ କେତେକ ରୋଗୀ ବର୍ତ୍ତମାନ ତାହାଙ୍କଠାରେ ଉପସ୍ଥିତ ହେଉ ଅଛନ୍ତି ଏଥିରେ କି ଫଳ ହୁଏ ପରେ ପ୍ରକାଶ କରିବୁଁ।

---

## ପତ୍ର ପ୍ରେରକଙ୍କ ପ୍ରତି।

ଶ୍ରୀ ସଦାଶିବ ଦାସ—ପଦ୍ୟ ମନ୍ଦ ହୋଇ ନାହିଁ ମାତ୍ର ଅନାବଶ୍ୟକ ଅବଶ୍ୟକୀୟ ବିଷୟ ଦୃଷ୍ଟିରେ ତହିଁ ପାଇଁ ସ୍ଥାନ ଯୋଗାଇବାକୁ ଅକ୍ଷମ।

ଶ୍ରୀ ନିରଞ୍ଜନ ପଟ୍ଟନାୟକ—ଖଲ୍ଲିକୋଟର ବର୍ତ୍ତମାନ ରାଜାଙ୍କର କନିଷ୍ଠ ଭ୍ରାତାଙ୍କ ଅକାଳ ମୃତ୍ୟୁରେ ଶୋକ ପ୍ରକାଶ କରି ଅଛନ୍ତି।

ଶ୍ରୀ ଭୋଳାନାଥ ମାହାନ୍ତି—ଲେଖି ଅଛନ୍ତି କି ଗତ ମାସ ତା ୧୬ ରଖରେ କେନ୍ଦ୍ରାପଡ଼ାର ଡେପୁଟି କଲେକ୍ଟର ବାବୁ କମଳଚନ୍ଦ୍ର ଦାସ ଶତ୍ରୁ ଉପଲକ୍ଷରେ ପଟ୍ଟାମୁଣ୍ଡେଇକୁ ଯାଇ ସେଠା ସ୍କୁଲର ଛାତ୍ରମାନଙ୍କୁ ବାର୍ଷିକ ପୁରସ୍କାର ଯଥା ବିଧିରେ ବିତରଣ କରିଥିଲେ ଏବଂ ଛାତ୍ରମାନଙ୍କୁ ମିଠେଇ ଖାଇବା ସକାଶେ ସ୍ୱୟଂ ଟ ୪ ଟଙ୍କା ଦେଇ ଥିଲେ। ଏ ଉପଲକ୍ଷରେ କେନ୍ଦ୍ରାପଡ଼ାର ବିଖ୍ୟାତ ଜମିଦାର ବାବୁ ଲକ୍ଷ୍ମୀନାରାୟଣ ଜଗଦେବ ମଧ୍ୟ କେତେ ଖଣ୍ଡ ପୁସ୍ତକ ଏବଂ ନଗଦ ଟ ୫ ଟଙ୍କା ପୁରସ୍କାର ଦେଇ ଥିଲେ।

---

## ପ୍ରେରିତପତ୍ର।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ

କୌଣସି ସଦନୁଷ୍ଠାନର ନାମ ଶୁଣିଲେ ଉତ୍ପତ୍ତି ମୋହର ଅନୁରାଗ ସ୍ୱଭାବତଃ ଆକର୍ଷିତ ହୁଏ। ସାହାଯ୍ୟ ଓ ଉତ୍ସାହ ଦାନ କରିବାର କ୍ଷମତା ଓ ସୁବିଧା ଥାଉ ବା ନ ଥାଉ, ଅନୁଷ୍ଠାନକର୍ତ୍ତାମାନଙ୍କ ସହିତ ପରିଚୟ ଥାଉ ବା ନ ଥାଉ, ଅନୁଷ୍ଠାନପ୍ରତି ମୋହର ଆନ୍ତରିକ ସହାନୁଭୂତି ଥାଏ ଏବଂ କୌଣସି ଅନୁଷ୍ଠାନର ଉଦ୍ୟୋଗ ସଫଳ ହେବାର ଦେଖିଲେ ମୋହ ମନରେ ତୃପ୍ତି ଓ ଆନନ୍ଦ ଜାତ ହୁଏ। ଯେଉଁ ଅନୁଷ୍ଠାନର ଉଦ୍ଦେଶ୍ୟ ମହତ୍, ମୁଁ କଦାପି ତହିଁର ବିଦ୍ୱେଷୀ ନୁହେ। "ଉତ୍କଳ ହିତୈଷୀ"

ନାମକ ଖଣ୍ଡିଏ ସାମୟିକପତ୍ର କଲିକତାରେ ପ୍ରକାଶିତ ହେବାର ଶୁଣି ମୁଁ ଉଦ୍‌ଗ୍ରୀବଚିତ୍ତ ହୋଇ ଇହାଁର ଆବିର୍ଭାବ ପ୍ରତୀକ୍ଷା କରୁଥିଲି କିନ୍ତୁ ଅଦ୍ୟ ଇହାଁର ଅନୁଷ୍ଠାନପତ୍ର ପାଠକରି ମୁଁ ନିତାନ୍ତ ବିଷଣ୍ଣ ହୋଇଅଛି । ପତ୍ରିକାର ଜନ୍ମପୂର୍ବରୁ ତାହା ସହିତ ବୈରିତା କରିବା ବା ଶୈଶବାବସ୍ଥାର ଦୋଷ ଓ ତ୍ରୁଟି ପରିହାର ନ କରି ଇହାଁର ତୀବ୍ର ସମାଲୋଚନା କରିବା ମୋହର ଉଦ୍ଦେଶ୍ୟ ନୁହେ କିନ୍ତୁ ଅନୁଷ୍ଠାନପତ୍ରର ଭାଷା ରଚନାପ୍ରଣାଳୀ ଓ ବ୍ୟାକରଣ ଅନୁକରଣରେ ବଙ୍ଗଦେଶର ଲେଖକମାନେ ଯଦି ପ୍ରବନ୍ଧ ଲେଖିବେ, ତେବେ ଉତ୍କଳୀୟ ପାଠକମାନେ କେବଳ ପରସ୍ପର କୌତୁକ ଜନ୍ମାଇବା ନିମନ୍ତେ "ଉତ୍କଳହିତୈଷୀ" ପାଠକରିବେ । ଉଦ୍ୟୋଗୀମାନଙ୍କୁ ନିରୁତ୍ସାହିତ କରିବା ମୋହର ଉଦ୍ଦେଶ୍ୟ ନୁହେଁ । କେହି କୌଣସି କାର୍ଯ୍ୟରେ ପ୍ରବୃତ୍ତ ହେଲେ ଅଭ୍ୟସଦ୍ୱାରା କ୍ରମଶଃ ତ୍ରୁଟିର ହ୍ରାସ ଓ ପ୍ରବୀଣତାର ବୃଦ୍ଧି ହୁଏ କିନ୍ତୁ ଆଜିକାଲି ଗୁଣ ଅପେକ୍ଷା ଦୋଷର ଚର୍ଚ୍ଚା ଅଧିକ ସୁତରାଂ ପତ୍ରିକା ପ୍ରତି ପ୍ରଥମରୁ ଯେପରି ତାହାର ଅଶ୍ରଦ୍ଧା ନ ଜନ୍ମେ ସମ୍ପାଦକମାନେ ତଦ୍‌ପ୍ରତି ବିଶେଷ ମନୋଯୋଗୀ ହେବା ନିମନ୍ତେ ମୁଁ ସେମାନଙ୍କୁ ଅନୁରୋଧ କରୁଅଛି । ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ କେତେକ ଖଣ୍ଡି ଓଡ଼ିଆ ପୁସ୍ତକର ଭାଷା ବିକୃତ ଥିବାରୁ ବିଦ୍ୟାଳୟର ବାଳକମାନେ ବିଦ୍ରୂପ କରୁଥିବାର ଶୁଣାଅଛି । ଉତ୍କଳହିତୈଷୀର ମାନେଜର ମହାଶୟ ଅନୁଷ୍ଠାନପତ୍ରରେ ଯେଉଁ ଦମ୍ଭ ଓ ଆଡ଼ମ୍ବର ପରିପୂର୍ଣ୍ଣ ବାକ୍ୟ ବ୍ୟବହାର କରିଅଛନ୍ତି ତାହା କଲିକତାର ବ୍ୟବସାୟୀମାନଙ୍କ ବିଜ୍ଞାପନର ଅନୁକରଣ ସତ୍ୟ କିନ୍ତୁ ଈଶ୍ୱରଙ୍କ କୃପାରୁ ସେହି ବାକ୍ୟମାନଙ୍କରେ ସାର୍ଥକତା ହେଲେ "ଉତ୍କଳହିତୈଷୀ" ଓଡ଼ିଶାର ଯେଉଁ ହିତସାଧନ କରିବେ ତାହା ଓଡ଼ିଆର ଇତିହାସରେ ସ୍ଥାନ ପାଇବ ।

ବଶମ୍ବଦ
ଜଣେ ଓଡ଼ିଆ

---

ବହୁଗୁଣ ଭୂଷଣ,

ଶ୍ରୀଯୁତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ,
ମହାଶୟ ସମୀପେଷୁ—

ପ୍ରିୟ ସମ୍ପାଦକ ମହାଶୟ,

ଆପଣଙ୍କର ଗତ ବିଖ୍ୟାତ ଉତ୍କଳ ଦୀପିକାର କୌଣସି ଏକ କୋଣରେ ନିମ୍ନଲିଖିତ କବିତାଗୁ ସାମାନ୍ୟ କବିତାଟିକୁ ସ୍ଥାନ ଦାନ କରି ବାଧିତ କରଣାର୍ଥେ ଅନୁମତି ପ୍ରଦାନ ହେଉ—

୧୮୯୪ ମସିହା, ଜୁଲାଇ, ୧୩୦୧ ସାଲ ଶ୍ରାବଣ ୧୫ ଅଙ୍କ ପୁଣ୍ୟ ମହାବନ୍ୟା-କଟକ—

ପବନସଙ୍ଗରେ ଖରସ୍ରୋତ ପ୍ରବଳ,
ବ୍ରାହ୍ମଣୀରୁ ବୈତରଣୀ ଯାଏ ଅଥଳ । ଘୋଷା ।
ଯହିଁ ଶୁଣି ଇହିଁ ସମୁଦ୍ରପରି ଜଳ,
ଉଚ୍ଚ ନୀଚ ସବୁସ୍ଥାନ ହେଲାରେ ସମତଳ, (ପଡ଼)
କଟକା ସପ୍ତମୀରେ, ବାର ଥିଲା ମଙ୍ଗଳ;
ଉଚ୍ଛୁଳ ଉଠ କୂଳ, ମାଡ଼ଲା ବଳ ଖାଲ;
ଆସନ୍ତେ ଗ୍ରାମତଳ, ଶୁଣାଗଲା ଚହଳ;
ଲାଗନ୍ତେ କାନ୍ଥମୂଳ, ଲାଗିଲା କୋଳାହଳ;
ଗ୍ରାମେ ପଶନ୍ତେ ଲୋକେ ହୁଦେ ବିକଳ । ୧ ।
ଉପର ଦିଗରେ ଝାଡ଼ଖଣ୍ଡ ଜଙ୍ଗଲ,
ମନୁଷ୍ୟ ଗୋରୁ ମଇଁଷି ପଲକୁପଲ; (ପଡ଼)
ଖର ସ୍ରୋତରେ ପଡ଼, ଭାସିଲେ ମାଳମାଳ;
କଣୁଆ ଗୁହା ନେଇ, ନ କଲେ ଗଣ୍ଡଗୋଳ;
କେତେ ଜୀବନେ ମଲେ, କେ ଗଣିବ ସକଳ;
କେତେ ପ୍ରାଣେ ବଞ୍ଚିଲେ, କେ କରିବ ତା ଠଉଳ;
ଜୀବ ଜନ୍ତୁଗଣ ହେଲେ ବିକଳ । ୨ ।
ଗ୍ରାମ ସହିତେ ଘର ଭାସିଲା ଖୁଲ,
କାନ୍ଥ ବାଡ଼ ଭାଙ୍ଗି ସବୁ ପଡ଼ିଲା ତଳ; (ପଡ଼)
ଜଳର ବଳ ଦେଖି, ସାହାସ ଗଲା ଉଡ଼;
ପ୍ରାଣ ଭୟରେ କେତେ, ଘର ଛାତରେ ଚଢ଼ି;
ଭାସି ଯାଉଅଛନ୍ତି, ଶୁଭ ଅଛି ରଡ଼ି;
ଭୀଷଣ ଖର ସ୍ରୋତ, ନେଇ ଯାଉଛି ଘଡ଼ି;
(କାହାକୁ କେଉଁଠାରେ, ଭଉଁରୀ ଦେଏ ମାଡ଼;)
ସାହାସେ ଧରି ରକ୍ଷିବ କାହାର ବଳ । ୩ ।
ଘରକରଣା ଜିନିଷ ହେଲ ଲଙ୍ଗଳ,
ସିନ୍ଦୁକ ପେଟରା କଂସା ବାସନ ଥାଳ; (ପଡ଼)
ଝୋଟକାଳ ଚାଉଳ ଭଳ, ଓଳଅ ଧାନ ଗୁଣ୍ଡଳ;
ହେଉଁସ କଲସ ଭାଏ, ଡେଙ୍କି ଲାଉ ସକଳ;
ହାଣ୍ଡି ମାଠିଆ ଚଟୁ, ଶୂନ୍ୟ ସେ ହାଣ୍ଡିଶାଳ;
କେ କାହିଁ ଭାସିଗଲ, ନାହିଁ ତା ଅଟକଳ;
ଓସ୍ତ ସେଣୀ ଖୁଣ୍ଟ ଗଲା ଦଳକୁ ଦଳ । ୪ ।
ଉପୁଡ଼ିଲା ପିଅଶାଳ ଶିମିଳି ଶାଳ,
ଶିଶୁ ବନନ କଟହ୍ଲା ତାଳ ତମ୍ଭାଳ; (ପଡ଼)
ହେଲା ହେଲା ହୋଇଣ, ବରୁଣ ଭଲ ଭାସି,
କୂଳେ ଯୋଗାଉ ଗୁଣ୍ଡି, ଜମିଲ ସ୍ୱର୍ଣ୍ଣ ସ୍ୱାଦି;
କେତେ ବା ଅଟକଲ, ମୋଡ଼ ବାଙ୍କରେ ଅଟି;
କେତେ ଧରିବେ ଅବା, କୂଳ ଗ୍ରାମ ନିବାସୀ;
ଧାନ ଗୁଣ୍ଡଳ ବନ୍ଧୁନେ କହେବ ତାଳ । ୫ ।
ଅମ୍ବ ପଣସ ତେନ୍ତୁଳ ବେଲ ବଉଳ,
ବନସ୍ଥ ନଷ୍ଟ ହେଲା ବୃକ୍ଷ ବହୁଳ; (ପଡ଼)
ଖଡ଼ା ବେଣ୍ଡି ବା ମକା, ବାଇଗଣ କଦଳ;
ଜଡ଼ି ଚର୍ଚ୍ଚିଳ ଲାଉ, କଖାରୁ ବୋଇତାଳ;
କାକୁଡ଼ି କଲରାର, ରହିଲା କାହିଁ ମଳ;
ସାରୁ ଅଳ୍ପ ହଳଦୀ, ପଚି ହୋଇଲା ଘୋଳ;
ମଲା ମଞ୍ଜି ଚମ୍ପା ବଢ଼ିଗଛ ଫଳ । ୬ ।
ଉଚ୍ଚବନ ନଗ୍ନ ହେଲା ଦେଖେନ ସ୍ଥଳ,
ଛୋଡ଼ ସମ୍ବାଳବ କେତେ ମାଟିର ବଳ; (ପଡ଼)
ବାଲିରେ ପୂର୍ଣ୍ଣ ହେଲା, ଖାଟ ଯୋଗଣ ନାଳ;
ଗୃହ ଅଯୋଗ୍ୟ ହେଲା, ଯେ ଥିଲା ବନ ବନ;
ଦୁଃଖି ଚଷାଙ୍କ ଅଣ, ନ ଶେଲା ତାଳ ଡଳ;
କହନ ଅଭାବରୁ ଚେଷ୍ଟା ସବୁ ବିଫଳ;
କରୁଥେ ବଞ୍ଚିବେ ଖାଇ କେଉଁ ଫସଲ । ୭ ।
ଧାନ ପାଟ୍ଟ ଲୁଠ ସତ ଗଲାଟି ମୂଳ,
ଧୋଇରେ ଗଲା ସବୁ ଢେପ ନ ଖାଲ; (ପଡ଼)
ରହିଲା ନାହିଁ କିଛି, ପଡ଼ ନ ଅବା ତାଳ;
ସହଜେ ପଡ଼ିଲା ଆସି, ଦେଶେ ଅକାଳ କାଳ;
ଜଳଲ କାହିଁ ଦ୍ୱିବା, ବାଲୁଙ୍କା ସାରହଳ;
ଚୌଦିଗେ ହାହାକାର, କଳିଲା ହେଉଁ ବେଳ;
କେମନ୍ତେ ପ୍ରାଣ ଧରିବେ ଏ ପ୍ରାଣିକୁଳ । ୮ ।
ଦୁର୍ଭିକ୍ଷ ଦଣ୍ଡ ନାହିଁ ଲୁଟଲାଣି ଅକଳ,
ଧର୍ମ ଶାସ୍ତି ପେଟେ ପ୍ରାଣ ଅଛି କେବଳ, (ପଡ଼)
ଲୋକେ ଓଳଏ ଖାଇ, ଓଳଏ ଉପବାସ;
କ କର ଭାଙ୍ଗି ଗାଇବେ, ଶୂନ୍ୟର ଭଗ୍ନବାସ;
ଗୃହଅଡ଼କୁ ଯାଏ, ହୋଇଲେଣି ନିରାଶ;
ଦାଉ ସାଧୁଛି କାଳ, ବଢ଼ୁଛି ଋଣଗ୍ରାସ,
ଦୃଷ୍ଟ କାଳ ଭଲ ଅଉ କାହିଁ ମଙ୍ଗଳ । ୯ ।
କାହା ପାଖରେ ଗୁହାରି କରିବା ବୋଲି,
ବିଧାତା ବାମ ହୋଇଛି କାହାର ବଳ; (ପଡ଼)
କଏ ଶୁଣିବ ଦୁଃଖ, କରିବ ଅନ୍ନକଷ୍ଟ;
କ୍ଷୁଧା ଜାଳାରେ ପୋଡ଼, ଯାଉଅଛିଟି ପେଟ;
ପିଲା ବାଳକ ନେଇ ଅଛନ୍ତି ଛଟପଟ;
କାହିଁ ପଳାଇ ଯିବେ, ନ ଦିଶେ ବୁଦ୍ଧି ବାଟ;
ଦୁଃଖେ କଟୁଅଛି ବସି କର ସ୍ମରଣ । ୧୦ ।

ସମ୍ପାଦକ ମହାଶୟଙ୍କର ।
ନିତାନ୍ତ ବାଧ୍ୟ
ଶ୍ରୀ, ଶ୍ୟା, ସାକର ପ୍ରିଭ—

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ରାଧାଶ୍ୟାମ ଦାସ | କଣାପାର | ଟ ୩୧ |
| ,, ଭାଗବତ ଦାସ | ମାର୍ଯ୍ୟାପାଠ | ଟ ୩ |
| ,, ଜନାର୍ଦ୍ଦନ ମାହାନ୍ତି | କଉଶିତା | ଟ ୩ |
| ,, ଧନେଶ୍ୱର ଦାସ | କାଉକୁଦା | ଟ ୩ |
| ମୁନସି ଅବଦୁଲ ଲତିଫ ଖାଁ | ଜଗନ୍ନାଥପୁର | ଟ ୧ |
| ଶ୍ରୀ ପଦ୍ମନାଭ ନାରାୟଣ ଦେବ ସନପତ୍ର ପାର୍ଲାକେମିଡ଼ି | | ଟ ୩ |
| ବାବୁ ରାମଚନ୍ଦ୍ର ମହାନ୍ତି | କଟକ | ଟ ୩ |
| ,, ବଳ ନାୟକ | ଉଦୟପୁର | ଟ ୩ |
| ,, ବୃନ୍ଦାବନ ମିଶ୍ର | ମୋଗା | ଟ ୨ |
| ମହନ୍ତ ଶ୍ରୀଦୁଲବ ରାମାନୁଜ ଦାସ | ପୁରୀ | ଟ ୩ |
| ବି ଟି ବୈଦ୍ୟନାଥ ରାଓ | ପାର୍ଲାକେମେଡ଼ି | ଟ ୩ |

Split by PDF Splitter

Digitized by srujanika@gmail.com

## ...ପନ ।

...ନେଜଙ୍କ ବିଜ୍ଞାପନମତେ ଜଣେ ଓଭରସିଅର ଆବଶ୍ୟକ ଅଛି ବେତନ ମାସିକ ଟ ୧୬୧ ଙ୍କା ଚାକିରି ପ୍ରାର୍ଥୀମାନେ ଅପଣା ଯୋଗ୍ୟତା ଓ ସୁଶୀଳତାର ନିଦର୍ଶନସହିତ ଅବେଦନପତ୍ର ନିମ୍ନ ଠିକଣାକୁ ଚଳିତମାସ ତା ୫ ରିଖ ମଧ୍ୟରେ ପଠାଇବେ ।

ପ୍ରକାଶଥାଉ କି ଏହି କର୍ମ ର ଯେ ନିଯୁକ୍ତ ହେବେ ତାଙ୍କୁ ନଗଦ ବା ଗବର୍ଣ୍ଣମେଣ୍ଟ କାଗଜରେ ଟ ୫୦୦୧ ଙ୍କାର ଯାମିନ ଦେବାକୁ ହେବ ଇତି ।

୨୧୨।୯୪ } Madan Mohan Patnaik.
ବଡ଼ାମ୍ବା } ମାନେଜର । ବ । ବଡ଼ାମ୍ବା

ହଜାରେ ଟଙ୍କା ପୁରସ୍କାର ।

# BISHAHARI·

# ବିଷହରି ।

## ହତାଶ ହଅ ନାହିଁ ।

ଡାକ୍ତର,ଶ୍ରୀ ଶଶୀଭୂଷଣ ଦାଶ ମହାଶୟଙ୍କ ଉପଦଂଶ ଓ ପାରଦଜନ୍ୟ ଧାତୁ ଅବଂଶନଦୋଷ ଔଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ପାରଦ ଓ ଉପଦଂଶ ଜନିତରୋଗ ଦ ୧୫ ଦିନ ଓ ପ୍ରମେହ ଦ ୩ ଦିନ ନିଶ୍ଚୟ ଆରୋଗ୍ୟ ହୁଅଇ । ଏଥିରେ କୁଷ୍ଠ ଅରୋଗ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ସ୍ୱାସ୍ଥ୍ୟନୀତି ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବଂ ସମ୍ପୂର୍ଣ୍ଣ ପାରଦବର୍ଜିତ, ଯାହା ବାହାର କଲେ ହଜାରେ ଟଙ୍କା ପୁରସ୍କାର ଦେବୁ । ମୂଲ୍ୟ--ସେବନଔଷଧର ଟ ୧ ଙ୍କା, ଲେପନଦ୍ରବ୍ୟର ଟ ୧ ଙ୍କା, କୁଷ୍ଠରୋଗର ଦୁଇ ଟ ୪ ଙ୍କା, ପ୍ୟାକ ଓ ଡାକ ଟ ୦ ।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।

"ପ୍ରଧାନ ୧୬୦ ଣଂ ମେସର୍ସ ବଟକୃଷ୍ଣ ପାଲ ଏଣ୍ଡ କୋଂ, ଖୋଙ୍ଗରାପଟ୍ଟୀ, ଚୀନାବଜାର କଲିକତା"

କଟକର ଏଜେଣ୍ଟ
ବାବୁ ଏଲ୍, ଏନ୍, ନାଥଙ୍କ
ଲକ୍ଷ୍ମୀଭକ୍ତିନ ମେଡିକାଲ୍‌ହଲ୍ ।
କଟକ ଓଡ଼ିଶା

ମାଇନର, ଭର୍ଣ୍ଣାକ୍ୟୁଲର, ଅପରପ୍ରାଇମେରୀ ଓ ଲୋୟର ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତହିଁର ବ୍ୟାଖ୍ୟା, ଓ ଆଟଲାସ୍, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ବାଲୁବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନ୍ୱେଷଣରେ ପାଇପାରିବେ ।

## ଉଷାବତୀ ହରଣ ମୂଲ୍ୟ ଟ ୦ ।

କଟକ ପ୍ରିଣ୍ଟିଂକୋମ୍ପାନୀ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଂଲଗ୍ନରେ ଅମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ଢାକାଇ, ରେସମୀ ଓ ବେଙ୍ଗଲ ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବଂ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି ଏଣୁ ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୁନଫା କରି ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ବାହାରଠାରୁ ଅଧିକ ବା ଊଣା ନିଆଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିଷ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଅମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବଂ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରିମ ପଠାଇଲେ ଭେଲ୍ୟୁପେଏବଲ୍ ଡାକରେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

## ଫର୍ଦ୍ଦ ।

| ଜିନିଷର ନାମ | ମୂଲ୍ୟ |
| --- | --- |
| ଅଷ୍ଟମେଣ୍ଟ ପେନସିଲ | ଗୋ ୧ ଟ ୦ ।୵ |
| ଲାଲ ଓ ନୀଳ ପେନସିଲ | ଗୋ ୧ ଟ ୦ ୵୧ |
| ଓଡ଼ିଆ ପେନସିଲ | ଦ ୧ ଟ ୦ ୵ |
| ନକସା କାଗଜ | ଦ ୧ ଟ ୦ ୵ |
| ଫୁଲସ୍କେପ୍ କାଗଜ ସରୁଆ | ଦ ୧ ଟ ୦ ୵୩ |
| ଏଜଳ ଟୁଲିବାଲା | ଦ ୧ ଟ ୦ ୵୨ |
| ଏଜଳ ନରୁଆ | ଦ ୧ ଟ ୦ ୵୩ |
| ଫାଉନ୍ଟେନ୍ ନୋଟପେପର ଓ ଲଫାଫା | ଦ ୧ ଟ ୨ । |
| ଡାକକାଗଜ ସରୁଆ | ଦ ୧ ଟ ୦ ୵ |
| ଏଜଳ ମୋଟା | ଦ ୧ ଟ ୦ । |
| ଲଫାଫା ସରୁଆ ସ୍ୱ ୧୦୦ ଟ ୦ ୫୵ ଗୋ ୨୫ ଟ ୦ ୵୩ | |
| ଏଜଳ ମଧ୍ୟମ ସ୍ୱ ୧୦୦ ଟ ୦ ୵ ଗୋ ୨୫ ଟ ୦ ୯ | |
| ନାଲିକାଗଜ ୧୬ ଖଣ୍ଡି | ଦ ୧ ଟ ୦ ୵୩ |
| ସିହାଇ | ଦବା ୧ ଟ ୦ ୵ |
| ଏଜଳ ଗୁଣ୍ଡି ଏହାକୁ ଅଧ-ବୋତଲ ଜଳରେ ପକାଇ ଦୁଇଦିନ ପରେ ଛାଣି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ଦ ୧ ଗ୍ରୁସ ଟ ୦ ୵୨ |
| ସୀଲ୍‌ଟ ପେନସୀଲ | ଦ ୧ ଟ ୦ ୵ |
| ରବର | ଖ ୧ ଟ ୦ ୵୩ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ।୵ |
| ଲିଖା କଲମ (ନିବ) ସରୁଆ | ଡ଼ ୧ ଟ ୦ ୵ |
| ଏଜଳ ମୋଟା | ଡ଼ ୧ ଟ ୦ ୧୧ |
| ଏଜଳ୍ ବଡ଼ମାଗନବୋଲନମ | ଗୋ ୧ ଟ ୦ ୧୬ |
| କାଚହୁଅଡ ଡ୍ରାଇଂ ଷ୍ଟୁଲ (ଲକ୍ଷାବାଲା) | ଗୋ ୧ ଟ ୦ । |
| ଏଜଳ ସାଧାରଣ | ଗୋ ୧ ଟ ୦ ୵୨ |
| କଳାଫିତା ସରୁଆ | ଗ ୧ ଟ ୦ ୵ |
| ନୋଉସ୍ୟାର ବେଷ ଷ୍ଟ୍ରିଙ୍ଗସହିତ | ଗୋ ୧ ଟ ୦ ୵ |
| ମନତେଗ | ଗୋ ୧ ଟ ୦ ୵ |
| ମୁଗୁନିପଥରର ଫଗ୍‌ପିଙ୍ଗୁଳା ଓ ରୂପେଲିନକସାବାଲା | ଗୋ ୧ ଟ ୨ । |
| ଲେଟେଣ୍ଡର | ଗୋ ୧ ଟ ୧୧ |
| ମେକସର ଅଏଲ | ଗୋ ୧ ଟ ୦ ୫ |
| ସାବୁନ ସରୁଆ | ଖ ୧ ଟ ୦ ।୧ |
| ଫୁଲଦାନୀ | ଗୋ ୧ ଟ ୧୵ |
| ଦେବାଲଗିର ଲଣ୍ଠାଇଯ୍ୟା | ଗୋ ୨ ଟ ୩। |
| ଏଜଳ ଏକଡାଲିଆ | ଗୋ ୧ ଟ ୨ |
| ସେଲ | ଗୋ ୧ ଟ ୨ |
| ଅସ୍ତ୍ରେଷ୍ଟ | ଗୋ ୧ ଟ ୵ ୨ |
| ଘାସ | ବ ୧ ଟ ୦ । |
| ସାଳପତ୍ରୀ | ଗୋ ୧ ଟ ୫ ୧ |
| ବନାରଶୀ ସର୍ବ୍ବ ଡକ୍ଷ | ଖ ୧ |
| ପତଳାରଏହାକୁ ନୌକାରେ ଥାଳରେ ଛଡ଼ି କାଠରେ ଭରଲାଇ କୋଠା ଘରର ଫାଟରେ ଲଗାଇ ଦେଲେ ପାଣି ପଡ଼ିବାର ଭୟ ହେବ ନାହିଁ | ସେ ୧ ଟ ୦ |

କଟକ } ଅରତବନ୍ଧୁର ଜନ୍ମ
ଚୌଧୁରୀ ବଜାର } କମ୍ପାନୀ

Digitized by srujanika@gmail.com

Split by PDF Splitter



## A COMPLETE KEY To Lethbridge's Easy Selection

[ *MINOR COURSE* 1894 ]

Containing English meanings, explanations, &c. with the questions set at the Minor Examination during the past three years.

Price one rupee. For mofussil postage one anna.

To be had of the Secretary Printing Company, Durgha Bazar, Cuttack.

CUTTACK The22nd November 1894 } Akshoy Kumar Ghose and Hara chand Ghose

## ADVERTISEMENT.

Wanted a work-sirkar for the first section of the Anandpore road of the Keunjhar State on a salary of Rs. 25 per mensem.

Applications with copies of testimonials will be received by the undersigned not later than 15th December next.

None need apply who has not passed at the final examination of the Cuttack Survey School, and who has not a fair knowledge in the arts of Surveying, Levelling, Drawing, Road-making and Estimating.

The claims of such candidates as have acquired a fair knowledge in Uria and have read up to the Entrance standard and have been accustomed to the Gurjat climate, will be preferable.

KEUNJHARRAJ. 16-11-94 } CHAITAN PROSAD RAI, *Manager & Asstt. Govt Agent* KEUNJHAR RAJ.

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !

ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ ସଙ୍ଗୀତପୁସ୍ତକ ।

ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।

ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।୵ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲା, ଖେମଟା, ଟପା, ନେତ୍ରପ୍ରଭୃତି ଧ୍ୟାନଭ-ସ୍ୱରଭ ଅଭାବିଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଙ୍ଗୀତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକଙ୍କ ନିକଟରେ ଅଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବାବୁ ହରେକୃଷ୍ଣ ବାବୁ ରାମପ୍ରସାଦ ମୁଖର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ରାଗ-ରସଦୀପକ ।

ଅର୍ଥାତ୍

ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ ହିନ୍ଦୀ ସଙ୍ଗୀତ ।

ମୂଲ୍ୟ ଦୁଇଅଣା ମାତ୍ର ।

ବୁକ୍ ଏଜେଣ୍ଟମାନଙ୍କ ନିକଟରେ ଏବଂ ଅମ୍ଭଠାରେ ପ୍ରାପ୍ତବ୍ୟ ।

ଶ୍ରୀ ଶୁକଦେବ ରାମ ଅଗ୍ରବାଲ୍ଲ ନୟାସଡ଼କ କଟକ

ଭାରତରେ ନୂତନ ! ଭାରତରେ ନୂତନ !!

ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

## "ଗନରୋ ଡାଇନ !"

ଯେଉଁ ଭୟାନକ ମେହବ୍ୟାଧି ଜଗତର ସହସ୍ର ନରନାରୀଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଚିକିତ୍ସକ ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିଲୁପ୍ତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରେଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଘୁଞ୍ଚିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନ କରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ରୋଗୀ ଯେଉଁମାନଙ୍କୁ ବଡ଼ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଏବଂ ଜୀବନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଂଲଣ୍ଡ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରିଅଛନ୍ତି ଯେ, "ଗନରେଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଅନ୍ୟ ଦ୍ୱିତୀୟ ନାହିଁ । ଏହାକୁ ସେବନ କଲେ ଧାତୁ ଦୌର୍ବଲ୍ୟ, ମେହ, ସ୍ୱପ୍ନଦୋଷ, ସ୍ମୃତିଶକ୍ତିହାନି, ସ୍ୱପ୍ନ ନିଦ୍ରା, ପ୍ରସ୍ରାବରେ ଅସହ୍ୟ ଯନ୍ତ୍ରଣା, ମୁଖମଣ୍ଡଳ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପା ଟୋପା ହୋଇ ପଡ଼ିବା, କଷ୍ଟରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁଃସାଧ୍ୟ ରୋଗ ବ୍ୟାଧି ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନଲାଭ କରିବ ।

ମୂଲ୍ୟ ପ୍ରତି ଶିଶି ଟ ୨ ଟଙ୍କା ପ୍ୟାକିଂ ଟ ୦।୵ ଅଣ ଡାକମାସୁଲ ଟ ୵ ଅଣା

ଭାରତର ଏକମାତ୍ର ଏଜେଣ୍ଟ ।

ଜେ, ଏ, ରାୟ

ନଂ ୪୫ ନମ୍ବର କେନିଂ ଲେନ

କଲିକତା ।

## ସଂଗୀତସାର

ନୂତନ ନୂତନ ନୂତନ

ସୁଲଭ ଉତ୍କଳ ସଙ୍ଗୀତ ପୁସ୍ତକ

ସଙ୍ଗୀତ ସଂଖ୍ୟା ଶତାଧିକ ।

ମୂଲ୍ୟ ଟ ୦ ।୵ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତ ।ଲିବାକୁ କେତେକ ସାର ସଂଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସ୍ୱରର ଦକ୍ଷିଣୀ ଓ ଝୁଲା ସଙ୍ଗୀତ ସବୁ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ୀପ୍ରତି | ଟ ୦ ୵ |
| ଅର୍ଦ୍ଧସ୍ତମ୍ଭ | ଟ ୨୲ |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ ୩୲ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଲେ ହେଁ ତହିଁର ଖର୍ଚ୍ଚ ଟ ୦ ॥ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଅର୍ଦ୍ଧେକ ଓ ଚଉଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଚଉଧୁରୀବଜାର ମଧ୍ୟସ୍ଥ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୯ ଶ
ସଂ ୫୮ ସଂଖ୍ୟା

ତା ୧୫ ଦିନ ମାହେ ଡିସେମ୍ବର ସନ ୧୮୯୪ ଇସିହୀ । ମୂ । ଇ ୨ ଜ ପୌଷ ସନ ୧୩୦୨ ସାଲ ଶନିବାର ।

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦ୍ଦେୟ ଟ ୨

କାବୁଲର ଅମୀର ଅବଶେଷରେ ଶ୍ରୀମତୀ ଭାରତେଶ୍ୱରୀଙ୍କ ନିମନ୍ତ୍ରଣ ରକ୍ଷା କରଣାର୍ଥେ ବିଲାତକୁ ଯିବାକୁ ସ୍ଥିର ହୋଇଅଛି । ବିଲାତ-ପାର୍ଲିୟାମେଣ୍ଟର ମେମ୍ବର କର୍ଜନ ସାହେବ ଅନୁଜ୍ଞାପତ୍ର ନେଇ କାବୁଲକୁ ଯାଇଥିଲେ ଏବଂ ତାଙ୍କ ସଙ୍ଗେ ଅମୀରଙ୍କର ଦୁଇଥର ସାକ୍ଷାତ ହୋଇ ତାଙ୍କର ବିଲାତଯାତ୍ରା ସ୍ଥିର ହୋଇ ଅଛି । ଅମୀରଙ୍କୁ ବିଲାତ ନେବାର ଉଦ୍ଦେଶ୍ୟ ଅମ୍ଭେମାନେ ଅଦ୍ୟାପି ବୁଝି ପାରୁ ନାହୁଁ ।

---

ଅମ୍ଭମାନଙ୍କ ବଡ଼ ଲାଟ ମହୋଦୟ ଲାହୋରରେ ଥିବା ସମୟରେ କାଶ୍ମୀର ରାଜ୍ୟର ଦରବାରର ମେମ୍ବରମାନଙ୍କ ବେତନ ହ୍ରାସ କରିଦେବା ଓ ଜଣେ ମେମ୍ବର କାଟିଦେବାର ଆଦେଶ ପ୍ରଦାନ କରି ଅଛନ୍ତି । ମେମ୍ବରମାନେ ପୂର୍ବେ ମାସିକ ଟ ୧୬୦୦ ଟା ବେତନ ପାଉଥିଲେ । ବର୍ତ୍ତମାନ ସେମାନଙ୍କର ବେତନ ମାସିକ ଟ ୧୨୦୦ ଟା ଧାର୍ଯ୍ୟ ହୋଇ ଅଛି ଓ ୪ ଜଣ ପରିବର୍ତ୍ତରେ ଜଣେ ମେମ୍ବର ରହିବାର ଆଦେଶ ହୋଇ ଅଛି । ଏତଦ୍ଦ୍ୱାରା ବହୁତ ବ୍ୟୟ ହ୍ରାସ ଜଣା ହେଲା ବଡ଼ ଆନନ୍ଦର ବିଷୟ !

---

ଜର୍ମ୍ମାନିର ଦରବାର ଗତ ମାସ ତା ୫ ରିଖରେ ଖୋଲା ହୋଇଥିବାର ସମ୍ବାଦ ମିଳଇ । ୟୁରୋପରେ ଶାନ୍ତି ବିରାଜିତ ଥିବା ଓ ସମସ୍ତ ରାଜାମାନଙ୍କର ସୌହାର୍ଦ୍ଦ୍ୟ ଉପାର୍ଜ୍ଜନ ପକ୍ଷେ ଜର୍ମ୍ମାନୀ ସର୍ବଦା ସଚେଷ୍ଟ ରହିବାର ସମ୍ରାଟ ବ୍ୟକ୍ତ କରି ପ୍ରକାଶ କଲେ ଯେ ବିଦ୍ରୋହଦମନାର୍ଥ କେତେ ଗୁଡ଼ିଏ ଆଇନ ଏବଂ ଖର୍ଚ୍ଚ ବୃଦ୍ଧି ହୋଇଥିବାରୁ ଅର୍ଥ ବୃଦ୍ଧି କରଣାର୍ଥେ ତମାଖୁ ଉପରେ ଟିକସ ବସାଇବାର ପ୍ରସ୍ତାବ ଦରବାରରେ ଆଗତ ହେବ ।—ସବୁ ଦେଶରେ ବ୍ୟୟ ଅତ୍ୟନ୍ତ ବଢ଼ି ଅଛି ଏବଂ ସୈନିକ ବ୍ୟୟ ସେଥିର ପ୍ରଧାନ କାରଣ । ଏହା କଦାପି ଶୁଭଲକ୍ଷଣ ନୁହଇ ।

---

ଆର୍ଥର ବନ୍ଦର ଅଧିକାର କଲା ଉତ୍ତାରୁ ଜାପାନ କେଉଁଆଡ଼କୁ କାର୍ଯ୍ୟଗତି ଫେରାଇବ ତାହା ଅବଧି ନିଶ୍ଚୟ ଜଣାପଡ଼ୁ ନାହିଁ । ସମ୍ଭବତଃ ପିକିନ ଆକ୍ରମଣ ବର୍ତ୍ତମାନର ପ୍ରଧାନ କଥା । ଇତମଧ୍ୟରେ ଅନେକବାର ଡେଟ୍ରିଙ୍ଗନାମକ ଯେଉଁ ବ୍ୟକ୍ତି ସନ୍ଧିର ପ୍ରସ୍ତାବ ନେଇ ଚୀନପକ୍ଷରୁ ଜାପାନକୁ ଯାଇଥିଲେ ସେ ଫେରିଆସି ଅଛନ୍ତି । ଚୀନସମ୍ରାଟଙ୍କ କର୍ତ୍ତୃକ ସେ ପ୍ରେରିତ ନ ହୋଇ ପ୍ରଧାନ ଲିହଙ୍ଗଚଙ୍ଗଙ୍କ କର୍ତ୍ତୃକ ପ୍ରେରିତ ହୋଇଥିବାରୁ ତାଙ୍କର ଦୌତ୍ୟକାର୍ଯ୍ୟ ସଫଳ ହେଲା ନାହିଁ । ଇତମଧ୍ୟରେ ମାଞ୍ଚୁରିୟାଠାରେ ଚୀନ ଓ ଜାପାନୀ ସେନାଙ୍କର ସାକ୍ଷାତ ହୋଇ ଲଢ଼ାଇ ହୋଇଅଛି ଏବଂ ସେଥିରେ ପୁଣି ଜାପାନ ଜୟଲାଭ କଲା । ଚୀନରାଜ୍ୟରୁ ଏକ ଯୁଦ୍ଧଜାହାଜ ଜାପାନ ଜୟକରି ଯୁଦ୍ଧରେ ବସ୍ତୁର ଅପ୍ରୋୟଜନରେ ଲଗାଇ ଅଛି । ଚୀନର ଶେଷ କଥା କିଛି ଜଣାପଡ଼ୁ ନାହିଁ ।

---

ଗତପୂର୍ବ ଶୁକ୍ରବାର ଦିନ ଏଠା ବାଳିବଜାରର ଏକବର୍ଷ ବୟସ୍କ ଏକ ଛେଳିପିଲା ଅଫିଣାର ଗୁଣ୍ଡା କେଉଁଠାଇମା ନିକଟରେ ଖେଳା କରୁଥିବା ସମୟରେ ଗୁଣ୍ଡୀର ଅଫିମଡବାରୁ ୪ ତୋଲାଏ ଅଫିମ ଖାଇଗଲା । ଏକଥା କାହାରିକୁ ଜଣା ନ ଥିଲା । ପିଲାଟି ନିଶାରେ ଘାରିଯାଇ ଅଚେତନ ହୋଇ ପଡ଼ିଲା ବେଳକୁ ସନ୍ଧାକରେ ଏକଥା ପ୍ରକାଶ ପାଇଲା । ପ୍ରତିବେଶୀମାନଙ୍କ ମଧ୍ୟରେ ଜଣେ ବମ୍ନ ହୋଇ ଅନ୍ୟ ଉପାୟ ନ ଦେଖି ପିଲାଟିକି ମାଈଙ୍କୋଳରୁ ଛଡ଼ାଇ ଏଠାବଡ଼ ଡାକ୍ତରଖାନାକୁ ନେଇ ଗଲେ । ସେଠାରେ ସ୍ୱୟଂ ଡାକ୍ତରସାହେବ ଅସିଷ୍ଟାଣ୍ଟ ସର୍ଜନ ଏବଂ ଛାତ୍ରମାନ ବାଳକପ୍ରଭୃତି ସମସ୍ତେ ଅତ୍ୟନ୍ତ ମନୋଯୋଗ ପୂର୍ବକ ସମସ୍ତ ରାତି ଜଗିରହି ପିଲାଟିକି ଯମର ମୁଖରୁ ବାହୁଡ଼ାଇ ଆଣିଅଛନ୍ତି । ଡାକ୍ତରଖାନାରେ ଏକରୁ ରୋଗୀମାନଙ୍କପ୍ରତି ବିଶେଷ ଯତ୍ନ କରାଯାଉ ଥିବା ବିଷୟ ଅମ୍ଭେମାନେ ଉତ୍ତରୋତ୍ତର ଶୁଣି ଅତ୍ୟନ୍ତ ଆନନ୍ଦିତ ଥିଲୁଁ । ବର୍ତ୍ତମାନ ଏ ଘଟନାରେ ସେଠା ଡାକ୍ତର ଓ ସ୍କୁଲବାଳକବୃନ୍ଦଙ୍କ ଅତ୍ୟନ୍ତ ଯତ୍ନ ଓ ପରିଶ୍ରମର କଥା ଅବଗତ ହୋଇ ସେମାନଙ୍କୁ ଅନ୍ତରର ସହିତ ଅଶେଷ ଧନ୍ୟବାଦ ଦେଉଅଛୁଁ ।

---

ବଙ୍ଗଳାଦେଶର ମାଇନର ଓ ଛାତ୍ରବୃତ୍ତିର ପରୀକ୍ଷାର ଫଳ ପ୍ରକାଶିତ ହୋଇଅଛି । ଓଡ଼ିଶାର ପ୍ରୋକ୍ତ ପରୀକ୍ଷାର ଫଳ ଏପର୍ଯ୍ୟନ୍ତ ପ୍ରକାଶ

Split by PDF Splitter

Digitized by srujanika@gmail.com

Split by PDF Splitter



ହୋଇ ନାହିଁ । ଓଡ଼ିଶା କି ସବୁ କାର୍ଯ୍ୟରେ ପଶ୍ଚାଦ୍‌ପଦ ହେବ ? ପ୍ରାୟ ମା ୨୫ ସ ହେଲା ପରୀକ୍ଷା କାର୍ଯ୍ୟ ହୋଇଅଛି । ଅତି ଅଳ୍ପ-ସଂଖ୍ୟକ ପରୀକ୍ଷାର୍ଥୀରେ ଫଳ ବାହାରିବାରେ ଏତେ ବିଳମ୍ବ, ବଙ୍ଗଳାପରି ଛାତ୍ରସଂଖ୍ୟା ଅଧିକ ହୋଇଥିଲେ କେତେ ଦିନରେ ଫଳ ବାହାରନ୍ତା ପରି ? ଫଳ ଶୀଘ୍ର ବାହାରିବାର ଉଚିତ । ମାଇନର ସ୍କୁଲର ସେସନ ଆରମ୍ଭ ହେବା ପ୍ରାୟ ମାସେ ହେଲାଣି । ବାହାରିବା ଛାତ୍ରମାନେ ଉଚ୍ଚସ୍କୁଲ ଶ୍ରେଣୀରେ ଉପସ୍ଥିତ ହେଲେ କେତେକ ନିର୍ଦ୍ଦିଷ୍ଟ ପାଠ୍ୟପୁସ୍ତକ ପଢ଼ା କେତେଦୂର ଚାଲିଯାଇଥିବ । ସୁତରାଂ ସେମାନେ କ୍ଷତିଗ୍ରସ୍ତ ହେବେ । ପୁନଶ୍ଚ ଫଳ ବାହାରିବା ଆଶାରେ ଛାତ୍ରମାନେ ପଠନ-ରହିତ ହୋଇ ରହିଥାନ୍ତି । ଗୃହର ଅଭିଭାବକ-ମାନେ ମଧ୍ୟ ସେହି ସମୟରେ ଶିକ୍ଷାପ୍ରତି ଅମ-ନୋଯୋଗୀ ହୋଇଥାନ୍ତି, କୋମଳମତି ପଢ଼ୁଆ ବାଳକମାନଙ୍କର ବହୁମୂଲ୍ୟ ସମୟକୁ ଶିକ୍ଷାବିଭା-ଗର କର୍ତ୍ତୃପକ୍ଷମାନେ ଅଲକ୍ଷିତଭାବରେ ନଷ୍ଟ କଲେ ଏହୁଁ ବଳି ଅଧିକ ଆକ୍ଷେପର ବିଷୟ କି ହୋଇପାରେ ? ଅମ୍ଭମାନଙ୍କ ମତରେ ଶିକ୍ଷା-ବିଭାଗର କର୍ତ୍ତୃପକ୍ଷମାନଙ୍କର ଏପ୍ରକାର ଗୁରୁତର କାର୍ଯ୍ୟରେ ଅମନୋଯୋଗୀ ହୋଇ କାର୍ଯ୍ୟ କରିବା ଉଚିତ ହେଉ ନାହିଁ ।

---

ଅମ୍ଭମାନଙ୍କର ମାନନୀୟ କମିଶନର ଓ ଗଡ଼ଜାତର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଲ ଶ୍ରୀଯୁକ୍ତ ଜ କୁକ ଗଡ଼ଜାତ ପରିଦର୍ଶନରେ ବିରାଜମାନ ଅଛନ୍ତି । ମୟୂ-ରଭଞ୍ଜର ମେଳ ଦର୍ଶନ କରି ଗଡ଼ଜାତର ଶେଷ ସୀମା ଅଠମଲ୍ଲିକ ପର୍ଯ୍ୟନ୍ତ ଗମନ କରି ବର୍ତ୍ତମାନ ବଡ଼ମ୍ବାରେ ଆସି ଉପସ୍ଥିତ ହୋଇଅଛନ୍ତି । ବଡ଼ଦିନ ସମୟକୁ ଅନୁଗୁଳ ଗଡ଼ଠାରେ ଉପ-ସ୍ଥିତ ହେବେ ସେଠାରେ ବଡ଼ଦିନର ଛୁଟି ସମୟ ଶେଷ କରି ତାଳଚେର, ପାଲଲହଡ଼ା-କାଣ୍ଟେ କେନ୍ଦୁଝର ଗଡ଼ଠାରେ ସେସନ ମୋକ-ଦ୍ଦମା ଗ୍ରହଣ କରିବେ ବୋଲି ଶୁଣା ଯାଉଅଛି । ସାହେବ ମହୋଦୟଙ୍କର ଗସ୍ତ ଜାନୁଆରୀମାସ ଶେଷ ଯିବା ସମ୍ଭବ ବୋଧ ହେଉଅଛି । ଏପରି ଲଗାଣ ଗସ୍ତ ବହୁକାଳରୁ ହୋଇ ନଥିଲା । ପୂର୍ବରେ ମିଡିଲଟନ ସୁପରିଣ୍ଟେଣ୍ଡେଣ୍ଟ ସାହେବଙ୍କ ଗଡ଼-ଜାତ ଗସ୍ତରେ ଶେଷ ହେଉଥିଲା କେବଳ ନ୍ୟୂନା-ଧିକ ଦଶଦିନ ହେବ ଭୁଅଁଭୁଅଁ ବର୍ଷା ଅସିଲା ପ୍ରାୟ ଶସ୍ତ ହେଉ ଥିଲା ଓ ଗସ୍ତର କୌଣସି ପ୍ରୋଗ୍ରାମ ମଧ୍ୟ ନ ଥିଲା । ଶୀତକାଳ ଗଡ଼ଜାତ ଗସ୍ତର ଉଚିତ ସମୟ । ଶ୍ରୀଯୁକ୍ତ ଜ କୁକ୍ ସୁପ-ରିଣ୍ଟେଣ୍ଡେଣ୍ଟ ସାହେବ ଏହିପ୍ରକାର ଲମ୍ବା ଗସ୍ତ କରି ପୂର୍ବପ୍ରଥାର ପୁନରୁଦ୍ଦୀପନ କରି ଉତ୍ତମ କରୁ-ଅଛନ୍ତି । ଅମ୍ଭମାନଙ୍କ ବିବେଚନାରେ ଗସ୍ତ ପୂର୍ବରୁ ପ୍ରୋଗ୍ରାମ ଛାପି ସାଧାରଣ ଅବଗତି-ନିମନ୍ତେ କୌଣସି ବିଶେଷ ଉପାୟ ଅବଲମ୍ବିତ ହେଉଥିଲେ ସାଧାରଣଙ୍କର ବିଶେଷ ଉପକାର ହେଉଥାନ୍ତା ।

---

ସେଣ୍ଟ ଅଣ୍ଡ୍ରୁ ଭୋଜ ଉପଲକ୍ଷରେ କଲିକତା ସହରରେ ଯେଉଁ ମହାଭୋଜ ହୁଏ ତାହା ଗତ ପୂର୍ବ ଶୁକ୍ରବାର ଦିବସ ସମ୍ପନ୍ନ ହେଲା । କଲିକତା ଭୋଜରେ ବଡ଼ଲାଟ ଏବଂ ଛୋଟଲାଟ ଉଭୟେ ଅନୁପସ୍ଥିତ ଥିବା ହେତୁରୁ ଏଲନ ଅର୍ଥର ସା ହେବ ସଭାପତିର ଆସନ ଗ୍ରହଣ କରିଥିଲେ । ଭୋଜ ସ୍ଥଳରେ ସରକାରୀ ଓ ବେସରକାରୀ ସମସ୍ତ ଶ୍ୱେତଚର୍ମଧାରୀମାନେ ଉପସ୍ଥିତ ଥିବାରୁ ରାଜନୀତି ସମ୍ବନ୍ଧୀୟ ଚର୍ଚ୍ଚା ବିଶେଷରୂପେ ହୋଇ ଥାଏ । ଏପ୍ରକାର ଚର୍ଚ୍ଚା ଲର୍ଡ଼ ଡଫରିନଙ୍କ ଅମ-ଳରୁ ହୋଇ ଆସୁଅଛି ସେ ଉକ୍ତ ଦ୍ୱାର ଫିଟାଇ ଦେଇ ଯାଇ ଅଛନ୍ତି । ତାଙ୍କର ଉତ୍ତରାଧିକାରୀ-ମାନେ ଉକ୍ତ ପଥ ଉନ୍ମୁକ୍ତ ରଖିବା ପକ୍ଷେ ନିଶ୍ଚେଷ୍ଟ ନାହାନ୍ତି । ଏଥର ଭୋଜରେ ଲୁସା-ସୁଦାରେ ମାଉଲ ଧାର୍ଯ୍ୟ ନ କରିବା ଷଣ୍ଡେ ଆଇନ ଓ କାରଖାନା ଆଇନ ସମ୍ବନ୍ଧରେ ବକ୍ତୃତା ହୋ-ଇଥିଲା । ଏଲେନସାହେବ ବକ୍ତୃତାରେ ଦେଶୀୟ ସମ୍ବାଦ ପତ୍ରମାନ ବ୍ରିଟିଶ ଶାସନ ବିରୁଦ୍ଧରେ ଦଣ୍ଡାୟମାନ ହେଉଥିବା ବିଷୟ ଅସାକ୍ଷାତ ଭାବରେ ପ୍ରକାଶ କରିବାକୁ ଛାଡ଼ି ନ ଥିଲେ ।

ଲକ୍ଷ୍ନୌଠାରେ ଯେଉଁ ଭୋଜ ହୋଇ-ଥିଲା ସେଠାରେ ମାନ୍ୟବର ବଡ଼ଲାଟସାହେବ ସଭାପତିର ଆସନ ଗ୍ରହଣ କରିଥିଲେ । ଲାଟ-ସାହେବଙ୍କ ବକ୍ତୃତାର ସାର ମର୍ମ ଏହି ଥିଲା ଯେ ଭୋଜରେ ବେଳେବେଳେ ସରକାରୀ ବିଷୟର ଚର୍ଚ୍ଚା ପଡ଼ିଥାଏ କିନ୍ତୁ ତାହା ଦରବାର ଉତ୍ତ-ରେ କି ପୂର୍ବେ ହୋଇଥାଏ ତାଙ୍କୁ ଜଣା ନାହିଁ । ତାଙ୍କର ନିଜ ସମ୍ବନ୍ଧରେ କହିବାକୁ ଗଲେ ସେ ଭୋଜନ ସ୍ଥଳରେ କାର୍ଯ୍ୟପ୍ରଣାଳୀର ଅବତାର-ଣା କରିବାକୁ ବିଶେଷ ଘୃଣା କରନ୍ତି ତାହାଁ ଭୋ-ଜେ ଅନ୍ୟ କଥା ନ କହି କେବଳ ସ୍କଟଲାଣ୍ଡ-ମାନଙ୍କୁ ଧନ୍ୟବାଦ ପ୍ରଦାନ କରିବା ଉଚିତ ସ୍କଟମାନେ ପୃଥିବୀର ଯେଉଁ ସ୍ଥାନରେ ଥାଆନ୍ତୁ ପଛକେ ଭୋଜଦିବସ ଏକତ୍ରିତ ହେବା ସ୍ୱଭାବ ବିଷୟ । ଗୋଟିଏ ଗୀତରେ ତାହା ବୋଲଯାଇ ଥିବାର କହି ଗୀତଟିକ ଉଦ୍ଧୃତ କରିଥିଲେ । ସେଥିର ମର୍ମ ଏହିଯେ " ଯେଉଁଠାରେ ଥାଅ ଈଶ୍ୱରଙ୍କୁ ଜଣାଇ ରଖ ଯେ ଅମ୍ଭେ ଅମ୍ଭର ଦେଶର ସ୍ୱାସ୍ଥ୍ୟ ଓ ମଙ୍ଗଳନିମନ୍ତେ ସର୍ବଦା ଚିନ୍ତା କରୁଅଛୁଁ ।" ଏହି ସାର ଗର୍ଭ ସଙ୍ଗୀତରୁ ପାଠକେ ଜାଣିପାରିବେ ଯେ ଏଥି ମଧ୍ୟରେ କି ଅମୂଲ୍ୟନିଧି ନିହିତ ଅଛି । ଏଥିର ଗୂଢ଼ ଅର୍ଥ କେବଳ ଇଂଲଣ୍ଡପ୍ରବାସିମାନେ ବୁଝନ୍ତି ।

---

ବଡ଼ଲାଟ ମହୋଦୟଙ୍କର ପ୍ରସ୍ତାବିତ ଲା-ହୋର ଦରବାର ହୋଇ ଯାଇଅଛି । ଲାହୋର-ର ଦରବାର ଅତି ଧୂମଧାମର ଦରବାର । ତ୍ରିଂଶବର୍ଷ ପୂର୍ବରେ ଭାରତର ଭୂତପୂର୍ବ ବଡ଼-ଲାଟ କାନିଂସାହେବ ସେଠାରେ ପ୍ରଥମ ଦର-ବାର କରିଥିଲେ । ତହିଁ ଉତ୍ତାରୁ ଲର୍ଡ ନର୍ଥ ଦକ୍ଷିଣଗରରେ ୧୮୬୨ ମସିହାରେ ଦରବାର କରିଥିଲେ ଲାହୋରର ତୃତୀୟ ଦରବାର ଲର୍ଡ ରିପନଙ୍କ ଅମଳରେ ହୋଇ ଥିଲା । ଲର୍ଡ ଏଲଗିନଙ୍କ ଶାସନ ସମୟରେ ଚତୁର୍ଥ ଲାହୋର ଦରବାର ହୋଇଗଲା । ବଡ଼ଲାଟ ଯେଉଁ ବକ୍ତୃତା ପ୍ରଦାନ କରିଥିଲେ ତହିଁର ସାର ମର୍ମ ଏହି ଥିଲା ଯେ ଦେଶର ସୀମା ବୃଦ୍ଧି ନିମନ୍ତେ ଇଂରାଜ ପ୍ରୟାସୀ ନୁହନ୍ତି । ଇଂରାଜ ଶାନ୍ତିରକ୍ଷା ଉଦ୍ଦେଶ୍ୟରେ ଆପଣାର ବଳ ଦେଖାଇବାକୁ ପ୍ରୟାସୀ ହୋଇ ଅଛନ୍ତି ସମବେତ ସର୍ଦ୍ଦାରବର୍ଗଙ୍କୁ ଏହି କଥା କହି ଉପଦେଶ ଦେଇଥିଲେ ଯେ କର୍ତ୍ତବ୍ୟ କାର୍ଯ୍ୟ-ରେ ଅବହେଳା କରି ସୁଖ ସମ୍ଭୋଗ କରିବା ଓ ସାଧାରଣର ହିତନିମନ୍ତେ ସ୍ୱଳ୍ପ ବ୍ୟୟ ନ କରି ନିଜର ସୁଖ ନିମନ୍ତେ ବ୍ୟୟ କରିବାରେ ଅପ୍ର-ଶଂସା ଲଭିବାକୁ ହୁଏ । ଧନବଳ ପଦ ମର୍ଯ୍ୟା-ଦା ଅବା ବଂଶଗତ ଉକ୍ତ ଅପବାଦରୁ ଅବ୍ୟାହତି ଦେଇ ପାରେ ନାହିଁ । ହିନ୍ଦୁ ମୁସଲମାନ ଏକତ୍ର ମିଳିତ ହୋଇ ଅଭ୍ୟର୍ଥନା କମିଟି ଫାଟକରେ ପରସ୍ପରର ଧର୍ମାନୁଷ୍ଠାନ ଚିତ୍ର ପ୍ରଦର୍ଶନ କରିଥି-ଲେ । ଏହାକୁ ଲକ୍ଷ୍ୟ କରି ବଡ଼ଲାଟ ମହୋଦୟ ହିନ୍ଦୁ ମୁସଲମାନଙ୍କ ମଧ୍ୟରେ ଏହି ପ୍ରକାର ସମ୍ମି-ଳନର ପ୍ରବୃତ୍ତି ଦେଖି ବଡ଼ ସନ୍ତୋଷ ପ୍ରକାଶ କରି ବ୍ୟକ୍ତ କଲେ ଯେ ଏହି ପ୍ରକା-ର ପ୍ରବୃତ୍ତିଦ୍ୱାରା ଉଭୟ ସମ୍ପ୍ରଦାୟଙ୍କର ମନୋ-ମାଳିନ୍ୟ ସ୍ଥାୟୀରୂପେ ଓ ଉତ୍ତମଭାବରେ ଦୂରୀଭୂତ ହେବ । ଅଲନଦ୍ୱାରା ଗୋଲଯୋଗ ନିବାରଣର

Digitized by srujanika@gmail.com

Split by PDF Splitter



ହୁଯାଏ ଅଥଚ ସୁଦ୍ଧା ଅଇନର ସାହାଯ୍ୟ ନେଉଁବାକୁ ନ ଦେବା ପ୍ରଶସ୍ତ ଅଟଇ । କଂଗ୍ରେସରେ ମୁସଲମାନସମ୍ପ୍ରଦାୟ ଯୋଗପ୍ରଦାନ କରନ୍ତି ନାହିଁ ବୋଲି ଜନରବ ଅଛି କିନ୍ତୁ ସମୟ ରେ ଏହାର ବ୍ୟତିକ୍ରମ ଦୃଷ୍ଟହୁଏ । ଏଥିରୁ ବୋଧହୁଏ ଯେ ଏପ୍ରକାର ଜନରବ ସତ୍ୟ ନୁହେ । ମାନ୍ଦ୍ରାଜର ମୁସଲମାନସମାଜର ଶ୍ରେଷ୍ଠ ପୁରୁଷ ନବାବ ହୁମାୟୁନଜା ବାହାଦୂରଙ୍କ ପୁତ୍ର ସୟଦ ମହମ୍ମଦ ସାହେବ ସ୍ବେଚ୍ଛାକ୍ରମେ ମାନ୍ଦ୍ରାଜ କଂଗ୍ରେସର କାର୍ଯ୍ୟନିର୍ବାହକ କମିଟିର ସଭ୍ୟ ହୋଇ ଅଛନ୍ତି । ହିନ୍ଦୁ ମୁସଲମାନ ସାଧାରଣ କାର୍ଯ୍ୟରେ ମିଳିତ ହୋଇ କାର୍ଯ୍ୟ କରିବାକୁ ପଶ୍ଚାତ୍ପଦ ନୁହନ୍ତି ।

---

## ଭାରତ ଜାତୀୟ ମହାସମିତି ।

କଟକରେ, କାହିଁକି ଓଡ଼ିଶାରେ କହିଲେ ମଧ୍ୟ ହୁଏ ଶୀର୍ଷୋଲ୍ଲିଖିତ ବିଷୟ ସମ୍ବନ୍ଧରେ କେହି ପରିଷ୍କାର ସମ୍ବାଦ ରଖିବାର ଜଣା ପଡ଼ୁ ନାହିଁ । ପ୍ରଥମେ ଦୁଇ ଚାରିଜଣ ମହାସମିତିରେ ଯୋଗଦାନ କରୁଥିଲେ କିନ୍ତୁ ଏବେ ଯୋଗ ଦାନ କରିବା ଲୋକଙ୍କ ଆଉ ସଭା ସମିତି କଥା ଲୋକଙ୍କ ଆଉ ଶୁଣ ପାଞ୍ଚଜଣ ଏକତ୍ରିତ ହୋଇ ଥିବା ସ୍ଥଳରେ ସୁଦ୍ଧା ମହାସମିତିର ତର୍କ ଉପସ୍ଥିତ ହେବା କ୍ବଚିତ୍ ଦେଖାଯାଏ । ତଥାପି ମହାସମିତି ପ୍ରତି ଅନାଦର କାହାରି ଠାରୁ ଶୁଣାଯାଇ ନାହିଁ । ଏଥିରୁ କେବଳ ଏତିକି ବୋଧ ହେଉ ଅଛି ଯେ ସାଧାରଣ କାର୍ଯ୍ୟ ପ୍ରତି ଓଡ଼ିଶାବାସିଙ୍କ ଉତ୍ସାହ ହ୍ରାସ ହୋଇଅଛି । ଓଡ଼ିଶାବାସିଙ୍କ ମଧ୍ୟରେ ଶିକ୍ଷିତ ଯୁବକମାନଙ୍କର ସଂଖ୍ୟା ଉତ୍ତରୋତ୍ତର ବୃଦ୍ଧି ହେବା ସ୍ଥଳେ ସାଧାରଣ କାର୍ଯ୍ୟପ୍ରତି ଉତ୍ସାହ ଊଣା ହେବା ଲଜ୍ଜାକର ବିଷୟ ଅଟଇ । ସେ ଯାହା ହେଉ ମହାସମିତି ସମ୍ବନ୍ଧରେ ଭାରତର ଅନ୍ୟାନ୍ୟ ପ୍ରଦେଶମାନ ଅଦ୍ୟାପି ଜାଗ୍ରତ ରହିଅଛି ଏବଂ ପ୍ରବୃତ୍ତ ଉତ୍ସାହରେ ଅଛି ମହାସମିତିର ଦଶମ ଅଧିବେଶନ ନିମିତ୍ତ ସ୍ଥାନେ ଯୋଗ୍ୟ ପ୍ରତିନିଧିମାନେ ମନୋନୀତ ହେଉଅଛନ୍ତି । ଏଥର ଦଶମ ଅଧିବେଶନ ମାନ୍ଦ୍ରାଜ ସହରରେ ହେବ । ବିଲାତ ପାର୍ଲିୟାମେଣ୍ଟ ମହାସଭାର ଜଣେକ ସଦସ୍ୟ ଓଏବ୍ ସାହେବ ମହାସମିତିର ସଭାପତି ପଦରେ ନିର୍ବାଚିତ ହୋଇ ଅଛନ୍ତି । ସାହେବ ମହୋଦୟ ଅଇରିସ୍ଥାନର ଏକାନ୍ତ ପକ୍ଷପାତୀ କିନ୍ତୁ ଅଫିମବ୍ୟବସାୟର ପୃଷ୍ଠପୋଷକ ବୋଲି ତାଙ୍କର ନିର୍ବାଚନରେ କେହି କେହି ଅସନ୍ତୋଷ ପ୍ରକାଶ କରିବାକୁ ମଧ୍ୟ ତ୍ରୁଟି କରୁ ନାହାନ୍ତି । ମାନ୍ଦ୍ରାଜ ସହରରେ ମହାସମିତି ନିମନ୍ତେ ମହା ଉଦ୍ଯୋଗ ଲାଗିଅଛି । ଉକ୍ତ ସାଉଥ ଇଣ୍ଡିୟାନ ରେଲୱେର ଚେତପତ ଷ୍ଟେସନ ନିକଟରେ କଂଗ୍ରେସର ମଣ୍ଡପ ନିର୍ମିତ ହୋଇ ଅଛି । ସନ୍ନିକଟରେ ପ୍ରତିନିଧି ମାନଙ୍କର ବସା ନିମନ୍ତେ ବଙ୍ଗଳା ନିର୍ମିତ ହୋଇ ଅଛି । ଏହି ବଙ୍ଗଳାର କେନ୍ଦ୍ର ସ୍ଥଳରେ ଲଣ୍ଡନ୍‌ସଉଦ୍ୟାନ । ଉଦ୍ୟାନଟି ପ୍ରାୟ ୧୬୦ ମାଣ । ଉଦ୍ୟାନର ପ୍ରାନ୍ତ ଦ୍ବିତଳ ଗୃହ ମହାସମିତିର ଅଧ୍ୟକ୍ଷ ଗଣଙ୍କର କାର୍ଯ୍ୟାଳୟ । ଏହି ଉଦ୍ୟାନ ମଧ୍ୟରେ ୬୦ ଗଜ ଲମ୍ବ ଓ ପ୍ରାୟ ୪୦ ଗଜ ପ୍ରସ୍ଥରେ ମଣ୍ଡପ ପ୍ରସ୍ତୁତ ହୋଇ ଅଛି ।

ଆଗାମୀ ତା ୨୬ ରିଖ ଡିସେମ୍ବରଠାରୁ କ୍ରମାନ୍ବୟେ ୪ ଦିବସ ମହାସମିତିର ଅଧିବେଶନ ହେବ । ରବିବାର ଦିବସ ସାମାଜିକ ସଭାର ବୈଠକ ହେବାର ସ୍ଥିରକୃତ ହୋଇ ଅଛି ।

ଜାତୀୟ ମହାସମିତି ଦ୍ବାରା ଯେ ମହତ୍‌କାର୍ଯ୍ୟ ହେଉ ଅଛି ଏଥିରେ ସନ୍ଦେହ ନାହିଁ । ବର୍ତ୍ତମାନ ଏଥିର ଫଳ ଫଳିତ ସୁଦ୍ଧା ହୁଏଁ ପାରି ଅଛି ଏବଂ ଇଂଲଣ୍ଡଶାସନାଧୀନରେ ଥାଇ ଭାରତ ଯେ ଏପରି ଏକ ସୂତ୍ରରେ ଏକଭାବରେ ପହୁଞ୍ଚି ଅଛି ଏଥିଁ ବଳି ଇଂଲଣ୍ଡ ପ୍ରତି ଅଦ୍ଭୁତ ଅଧିକ ଗୌରବର ବିଷୟ ହୋଇପାରେ ? ଭାରତବାସୀମାନଙ୍କ ଯେ ଏଥିରେ ଯୋଗ ଦେବା ଉଚିତ ତହିଁରେ ଅଉ ସନ୍ଦେହ ନାହିଁ । ଭରସା କରୁଁ ଅମ୍ଭ ଦେଶବାସିମାନେ ଜାଗ୍ରତ ହୋଇ ଆପଣାର ଗୌରବ ବୃଦ୍ଧି କରିବାରେ ଯତ୍ନବାନ୍ ହେବେ ।

---

# ସାପ୍ତାହିକସମ୍ବାଦ ।

ଏ ସପ୍ତାହରେ ଅକାଶ ମେଘାଚ୍ଛନ୍ନ ହୋଇ ସବୁ ଶୁକ୍ରବାରଠାରୁ କେତେ ବିନ୍ଦୁ ପତନ ହେଉ ଅଛି । ମେଘ ସଙ୍ଗେ ପବନର ଯୋଗ ହେବାରୁ ବଡ଼ ଅତ୍ୟନ୍ତ ଶୀତଳ ହୋଇ ଅଛି । ଶୀତ ମଧ୍ୟ ପ୍ରବଳ ହୋଇ ଅଛି ଏମନ୍ତ ଅନେକ ବର୍ଷ ହେଲା ଏପରି ଶୀତ ଜଣାଯାଇ ନ ଥିଲା । ଲୋକଙ୍କର ସ୍ବାସ୍ଥ୍ୟ ଭଲ ଅଛି ।

ଅମ୍ଭେମାନେ ଶୁଣିଅଛୁଁ ଯେ ଡେପୁଟିମାଜିଷ୍ଟ୍ରେଟ ଅଃ ମାଜିଷ୍ଟ୍ରେଟ କାର୍ଯ୍ୟରେ ଓଡ଼ିଶା କମିଶନର ଅଫିସର ହେଡ଼କ୍ଲର୍କ ବାବୁ ଭଗବାନ ସାହୁ ନିଯୁକ୍ତ ହୋଇ ଯାଉଛନ୍ତି ।

ଅସ୍ମାନଙ୍କର ମାନନୀୟ କଲେକ୍ଟର ଶ୍ରୀଯୁକ୍ତ ଜଷ୍ଟି ସାହେବ ଜଣକା ଗୃହସ୍ଥ ପରିଦର୍ଶନ କରି ଅଢ଼େଇ କଟକ ପହୁଞ୍ଚିବାର ଅଛି ।

ବର୍ତ୍ତମାନ ଏ ନଗରରେ ଟୀକା ଦେବାର ଆରମ୍ଭ ଲାଗିଅଛି । ଅନେକ ପିଲା ଟୀକା ଦେଇ ଅଛନ୍ତି ଏବଂ ଟୀକା ନ ଦେବା ହେତୁ କେତେ ବ୍ରିଟିଶ ମାମଲା ମଧ୍ୟ ଅଉଠ ହୋଇଅଛି ।

## କଲିକତା-ଗେଜେଟ୍ ।

ଜୁଈଣ୍ଟ ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ଜାନପ୍ରସନ୍ନ ଅମ୍ବର୍ଦ୍ଧ କେନ୍ଦ୍ରାପଡ଼ା ସବଡିଭିଜନର ତତ୍ତ୍ବାବଧାନାର୍ଥେ ନିଯୁକ୍ତ ହୋଇଅଛନ୍ତି ।

କେନ୍ଦ୍ରାପଡାର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ବାବୁ ନବୀନଚନ୍ଦ୍ର ଦାସ ନଗାଅଁର ସବଡିଭିଜନକୁ ସ୍ଥାନାନ୍ତରିତ ହୋଇଅଛନ୍ତି ।

କଟକର ଡେଃ ମାଜିଷ୍ଟ୍ରେଟ ଓ ଡେଃ କଲେକ୍ଟର ମିଃ ଡ଼କଲାସ ଏଫ, ସି, ମର୍ଣ୍ଣି ଓ ଫୌଜଦାରୀ ଅଇନର ଧା ୨୬୦ ଅନୁଯାୟି ମୋକଦ୍ଦମା ସଂକ୍ଷେପ ବିଚାର କରିବାର କ୍ଷମତା ପ୍ରାପ୍ତ ହୋଇଛନ୍ତି ।

ପୋଲିସ ଇନ୍‌ସ୍ପେକ୍ଟର ବାବୁ ଅନଙ୍ଗମୋହନ ମୁନ୍ସି ୩ୟ ଗ୍ରେଡ଼ରୁ ୨ୟ ଗ୍ରେଡ଼ର ପୋଲିସ ଇନସ୍ପେକ୍ଟରୀକୁ ଗତ ନୁଭେମ୍ବର ତା ୧୯ ରିଖରୁ ଉନ୍ନତ ହୋଇଅଛନ୍ତି ।

---

ଆଗାମୀ ମାସ ତା ୨୦ ରିଖରେ ପାର୍ଲିୟାମେଣ୍ଟର ବୈଠକ ହେବ । ଲର୍ଡସଭାର କ୍ଷମତା ଲଘୁତ କରିବା ନିମନ୍ତେ ଗୋଟିଏ ଲଢ଼ାଇ ହେବ । ଅଥବା ଏହି ସେ ବର୍ତ୍ତମାନ ପାର୍ଲିୟାମେଣ୍ଟର ଜୀବନ ଶେଷ ପ୍ରାୟ ।

ଶୁଭର ସମ୍ବାଦ ଯେ ୧୮୫୭ ମସିହାଠାରୁ ସଂସ୍କୃତ ପରୀକ୍ଷାର ଉତ୍ତର ଦେବାକାଳର ଅଷ୍ଟମରେ ଲେଖାଯାଇ ସେହି ନିୟମ ପ୍ରକାଶିତ ହୋଇଥିବା ତାହା ରଦ୍ଦ ହୋଇଅଛି । ଉପରୋକ୍ତ ନିୟମ ଯୋଗୁଁ ହେତୁ ବାଳକମାନଙ୍କ ମନରେ ବଡ଼ ସନ୍ଦେହ ଉପସ୍ଥିତ ହୋଇଥିଲା ଯାହା ହେଉ ବର୍ତ୍ତମାନ ସନ୍ଦେହଲରେ ବୋଲାବୁନ ହାତ ହୋଇଥିବ ।

କୋରିୟା ସରକାରେ ଏକନ୍ତ ପ୍ରଥା ଅଛି ଯେ ସ୍ବାଧୀନ ହେଉ ମନରେ ସ୍ଥିର କଲେ ସ୍ଥାନିକ ପ୍ରଜା ଦର୍ଶନଦ୍ୱାର ଧରାଯାଇ ପଠାନ୍ତି ।

ଅମେରିକାର ଜଣେ ଲୋକ ପୃଥିବୀ ପରିଭ୍ରମଣରେ ବାହାରିଛନ୍ତି । ବାଇଶ ଡାଲର ଖର୍ଚ୍ଚ କରି ଗୋଟିଏ ବାଇସିକଲରେ ପଠାନ୍ତି ହେଉଅଛନ୍ତି । ତାହାଙ୍କ ସମୁଦ୍ରରେ ନିକ୍ଷେପ କରିବାର ଅନେକ ଗୋଟିଏ ହୋଇ ମହତରେ ତାହାର ମୃତଶରୀରକୁ ବୁଡ଼ାଇ ଦେଇ ଅଂଗ୍ରେଜଙ୍କ ଅନେକଙ୍କ ଠାରେ ପହୁଞ୍ଚି ଅଛନ୍ତି ଯେ ତାହାଙ୍କ କଥା ମନେ କରି ଦେବେ ।—ବାଃ ! ମହତର ଏହି ବ୍ୟବହାର ସମ୍ପୂର୍ଣ୍ଣ ଅନୁକରଣୀୟ ଅଟଇ ।

ଗଣନାହାର ସ୍ଥିର ହୋଇଅଛି ଯେ ଇଂଲଣ୍ଡରେ ପ୍ରତି ମିନିଟରେ ଗୋଟିଏ ପିଲା ଜନ୍ମ ହୁଅନ୍ତି ।

ଲଣ୍ଡନର ସମସ୍ତ ଶିଶୁମାନ ମଣିଷ ସଙ୍ଗରେ ଶ୍ରେଣୀବଦ୍ଧ ବା ପରୀକ୍ଷକଙ୍କ ସଂଯୁକ୍ତ ଅଛି । ମୋଟ କରି ସମସ୍ତ ଶିଶୁର ସଂଖ୍ୟା ସମ୍ଭବତଃ ୧୦୦୦୦୦୦ ରୁ ଅଧିକ ଅଟଇ ।

ବୈଜ୍ଞାନିକ ଅଫ୍ରେକାର ଚଳନ କରତ ଭିନ୍ନ ମଧ୍ୟ ବିଶେଷ ରୂପେ ଗ୍ୟାସ ଅନେକ ନିର୍ମିତ ଏବଂ କୋଟି କୋଟି ଲକ୍ଷ ଟନ୍ କୋଇଲା ବର୍ଷକେ ଖର୍ଚ୍ଚ ହୁଏ । ଏହାର ଚତୁର୍ଥାଂଶରୁ ଅଧିକ ଏକାକେ ଲଣ୍ଡନନଗରରେ ଖର୍ଚ୍ଚ ହୁଏ ।

ବଙ୍ଗାଳି ବେଣୀମାଧବ ନାମ ମୂର୍ତ୍ତି ଗଠନରେ ଯେମନ୍ତ ଗତିରେ ସମସ୍ତ ପ୍ରତିଯୋଗିଙ୍କ ପରାସ୍ତ କରି ରୌପ୍ୟ ପଦକ ଲଭ କରିଅଛନ୍ତି । ଅନ୍ୟାନ୍ୟ ଶିଳ୍ପ ବିଷୟରେ ମଧ୍ୟ ପୁରସ୍କାର ପ୍ରାପ୍ତ ହୋଇଥିବାର ସମ୍ବାଦ ମିଳଇ ବଙ୍ଗାଳିଙ୍କ ଗୌରବ ଏତଦ୍ଦ୍ବାରା ଅନେକ ବୃଦ୍ଧି ହୋଇଅଛି ଏହା ଅତ୍ୟନ୍ତ ସୁଖର ବିଷୟ ।

Digitized by srujanika@gmail.com

ରାସ୍ତାରେ ବୃକ୍ଷସ୍ରୋତ ପାହାଡ଼ ମଧ୍ୟରେ ଏକ ସ୍ୱର୍ଣ୍ଣ ଗର୍ତ୍ତ ଅଛି ସେହି ଗର୍ତ୍ତର ଏକ ଅଡ଼ରୁ ପଶି ଅନ୍ୟଅଡ଼ରେ ବାହାରିଲେ ପୂର୍ବଜନ୍ମକୃତ ପାପରୁ ମୁକ୍ତି ଲାଭ କରେ । ଯେଉଁଲୋକ ବାହାରୁ ରାସ୍ତାରେ ଅବସ୍ଥାନ କରୁଥିବା ସମୟରେ ଯୋକ୍ଟ-ଗର୍ତ୍ତରେ ଏକ ପାର୍ଶ୍ୱରୁ ପଶି ଅନ୍ୟପାର୍ଶ୍ୱରେ ବାହାରିଥିଲେ ।

## ବଡ଼ଗଣା-ସମ୍ବାଦ ।

ଏ ଅଞ୍ଚଳରେ ଓଲାଉଠା ପ୍ରବଳ ହୋଇଥିବା କଥା ଏଥି ପୂର୍ବେ ଜଣାଇ ଥିଲୁଁ । ଅଦ୍ୟାପି ତାହା ଶାନ୍ତ ହୋଇ ନାହିଁ । ବର୍ତ୍ତମାନ ଜଣାଉଁ ଅଛୁଁ ଯେ ଏ ଅଞ୍ଚଳରୁ ପ୍ରାୟ ଶ-ତାଧିକ ଲୋକ ମୃତ୍ୟୁ ମୁଖରେ ପତିତ ହେଲେଣି । ଏପରି ଅବସ୍ଥାରେ ଶୀଘ୍ର "କଲେରା-ପିଲ" ଏଠାକୁ ପ୍ରେରଣ କରି ବାର ଉଚିତ ।

ଅନାବୃଷ୍ଟି ଆଶଙ୍କା ଉପସ୍ଥିତ ହୋଇଥିବାରୁ ଏ ସ୍ଥାନର ଦରିଦ୍ରପ୍ରଜାମାନେ ସମସ୍ତେ ଆହାର ଚିନ୍ତା ରେ ଥାଇ ବାଟ୍ଟି-କାରେ ବ୍ୟସ୍ତ । ଏ ସମୟରେ ବସନ୍ତ ରୋଗର ପ୍ରାଦୁ-ର୍ଭାବ ହେବାରୁ ଲୋକମାନେ କିଂକର୍ତ୍ତବ୍ୟବିମୂଢ଼ ହୋଇଅଛନ୍ତି କଲେରା-ପିଲ ପାଇଲେ ହୁଏତ ଅନେକଙ୍କ ଜୀବନ୍ତ ହୋଇ ପାରନ୍ତି ।—ଉଚ

## ଖଲିକୋଟ ସମ୍ବାଦ ।

୧୧।୧୨।୯୪ ରେ ଉକ୍ତ ସମସ୍ଥାନ କୋର୍ଟ ଅଫ୍ ୱାର୍ଡ଼ସ F—S ମାନେଜର ସ୍ୱାମୀ ଅୟର ଓ ଏହାଙ୍କର ସହୋଦର ଭ୍ରାତା ରାମଚନ୍ଦ୍ର ଅୟର ଏହି ପଣ୍ଡିତ ମେଜିଷ୍ଟ୍ରେଟଙ୍କର ଗୋଳ ଗୁରୁ କାର୍ଯ୍ୟରେ ନିଯୁକ୍ତ ଅଛନ୍ତି ଏହାଙ୍କର ଶକ୍ତି ଏବଂ ଯେ ପୁତ୍ର ବାଣ୍ଟିବା ନାମ ଓ ଗୋଷ୍ଠ ସ୍ମରଣ କରି ଚଳା-ଇଲେ ଦେଶୀ କରି ଭୂତ ଉତ୍ପାତ ବର୍ତ୍ତମାନ ଫଳ ଜାଣିପାରନ୍ତି ।

ଷଷ୍ଠ କାଷ୍ଠାଧିପତି ଶ୍ରୀମାନ୍ ରଘୁନାଥ ମର୍ଦ୍ଦରାଜ ଦେବ ରାଜା ବାହାଦୁର ଭ୍ରାନ୍ତି ବଶ୍ୟୋଗ ଦୁଃଖରେ ବ୍ୟଥିତ ହୋଇ ସ୍ଥାନାନ୍ତରମାନଙ୍କରେ ଭ୍ରମଣ କରିବାକୁ ଗତମାସ ତା ୬ ରିଖ ଦିନ ୧୦ଘଣ୍ଟା ଠାରେ ଛତ୍ରପୁରଭିମୁଖେ ଯାତ୍ରା କରିଅଛନ୍ତି । କଥିତ ଅଛି ମାସ ୧ ପରେ ପ୍ରତ୍ୟାଗତ ହେବେ ।

ଶ୍ରୀମାନ୍ ମସୁରଭଞ୍ଜାଧିପତି—ଆପଣା ଭଗିନୀଙ୍କୁ ଖଲିକୋଟାଧିପତିଙ୍କୁ ବିବାହ କରାଇବାକୁ ପୂର୍ବରୁ କରିଥିବା ପ୍ରଯତ୍ନ ବର୍ତ୍ତମାନ ଉକ୍ତ ରାଜାଙ୍କ ତରଫ କମନର ସାହେବଙ୍କ ବାରମ୍ବାର କୌଶଳରେ ଫଳାଭିମୁଖ ହୋଇଅଛି । ଦୈବାନୁକୂଳ ଥିଲେ ଉଭୟ ପକ୍ଷରେ ସୁଖସମ୍ପନ୍ନ ହେବ ।

୧୮।୧୦।୯୪ରେ ଶ୍ରୀଯୁକ୍ତ ମେଜ୍ରାସ ଗବର୍ଣ୍ଣମେଣ୍ଟଙ୍କ ଶୁଭାଗମନରେ ଦକ୍ଷିଣରୁ ଆସୁଥିବା ରେଲର କାର୍ଯ୍ୟପ୍ରଣା-ଠାରୁ ଟିକେ ରହିଅଛି । ଆଗାମି ଫେବ୍ରୁଏରୀ ବେଳକୁ ଅଗାମିକର୍ଣ୍ଣ ଷ୍ଟେସନରେ ଖଲିକୋଟ ଷ୍ଟେସନକୁ ଆସି ଟିକେଟ ହେବାର ସ୍ଥିର ହୋଇଅଛି ।

## କେନ୍ଦ୍ରାପଡ଼ା-ସମ୍ବାଦ

ପ୍ରାୟ ଏକସପ୍ତାହ ହେବ ଶୀତ ଅଧିକ ବୃଦ୍ଧି ହୋଇଅଛି । ସାଧାରଣସ୍ୱାସ୍ଥ୍ୟ ଉତ୍ତମ ଅଛି ।

ଧାନ କଟାକଟି ଶେଷ ହେବାକୁ ଅଳ୍ପ ଦିନ ଥିଲେ ହେଁ ଲୋକଙ୍କ ଦୌରାତ୍ମ୍ୟ ଆଉ ଶୁଣା ହେଉ ନାହିଁ । କୃଷିମାନେ ବିଲମଧ୍ୟ-ରେ ଧାନ ଗଦା କରି ଯୋଗଥିବା ଅବସ୍ଥାରେ ମଧ୍ୟ ଠାକୁ ବନ୍ଧୁମାନେ ଖଳକର୍ମ ହୋଇ ଚୋରି ଯାଉଥିବାର ଦେଖା-ଯାଏ । ଏଥିପ୍ରତି ବିଶେଷ ସତର୍କ ହେବା ଆବଶ୍ୟକ ।

ସମ୍ପ୍ରତି ମହାଜନମାନେ ରେଣ୍ଟଦାର ମାନଙ୍କଠାରୁ ନେମା-ନଙ୍କର ଟଙ୍କା ଆଦାୟ ସକାଶ କୌଣସି ଉପାୟ ନ ପାଇ କେବଳ ସେମାନଙ୍କର ଧାନଫସଲ ଜୋରକ କରିବାକୁ ଆ-ରମ୍ଭ କରିଅଛନ୍ତି । ଏସମୟରେ ଦେଓ୍ୱାନୀଅଦାଲତର ଡିକ୍ରୀ-ଜାରି ମୋକଦମା ଅଧିକ ପରିମାଣରେ ବୃଦ୍ଧି ହେବ ସନ୍ଦେହ ନାହିଁ ।

ପାଇସ୍କୋଠାରେ ରାମଦାସ ନାମକ ଏକବ୍ୟକ୍ତି ଯେ ବ ତାହା ସାନଭାଇକୁ ପୋଷାକରେ ଲୁଚାଇ ମାରିଥିବା ଅପରା-ଧରେ ଅସ୍ମାନଙ୍କର ସବ ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଦ୍ୱାରା ଏ ଦୌ-ରାତ୍ମ୍ୟଅର୍ପିତ ହୋଇଥିଲା ଅସ୍ମାନଙ୍କର ସେସନ୍ ଜଜସାହେବ ଉକ୍ତ ଲୋକକୁ ଦଣ୍ଡବିଧିଆଇନର ଧା ୩୦୨ ର ଅନୁସାରେ ଯାବଜ୍ଜୀବନ ଦ୍ୱୀପାନ୍ତରର ଆଦେଶ କରିଥିଲେ । ଅସାମୀ ହାଇକୋର୍ଟରେ ଅପିଲ କରିବାରୁ ଧା ୩୦୪ ର ଅନୁସାରେ କେବଳ ବ ୩ ର୍ଷ କଣ୍ଠ ପରିଶ୍ରମ ସହିତ କାରାବାସ ଦଣ୍ଡର ଆଦେଶ ହୋଇଅଛି ।

ଅସ୍ମାନଙ୍କର ସବ ଡିଭିଜନାଲ ବାବୁ ଜଗନ୍ନାଥ ଦାସ-ଙ୍କଠାରୁ ସ୍ଥାନାନ୍ତରିତ ହେବାରୁ ତାହାଙ୍କ ସ୍ଥାନରେ ବାବୁ ତାରକନାଥ ଅଧ୍ୟା ଏଠାକୁ ଆସିଅଛନ୍ତି । ବାବୁ ମହାଶୟ ଗତ ରବିବାର ଏଠାରେ ପହଞ୍ଚି ସୋମବାର ଜଗନ୍ନାଥବାବୁଙ୍କ-ଠାରୁ କାର୍ଯ୍ୟ ଭାର ଗ୍ରହଣ କରିଅଛନ୍ତି ଓ ଜଗନ୍ନାଥବାବୁ ସେହିଦିନ ରାତ୍ରରେ କଟକଟା ଗମନ କରି ଅଛନ୍ତି । ତାହାଙ୍କ ସକାଶ ଅତ୍ରତ୍ୟ ଲୋକମାନେ ବିଶେଷ ଦୁଃଖିତ ଥିବାର ଦେଖା ଯାଉ ନାହିଁ କାରଣ ତାହାଙ୍କର କର୍ମଦ୍ୱାରା ଏ ଲୋକଙ୍କର ବି-ଶେଷ ପ୍ରିୟପାତ୍ର ହୋଇ ପାରିଥିଲେ ସନ୍ଦେହ ନାହିଁ । ଯାହା ହେଉ ବାବୁ ମହାଶୟଙ୍କର ମଙ୍ଗଳ ଅସ୍ମାନଙ୍କର କାମ୍ୟଗଣ ।

ସାମ୍ପ୍ରତ କନିଷ୍ଠର ଅତ୍ରତ୍ୟ ଦେଖି ବଗଡ ସପ୍ତାହରେ କଟକ ଗମନ କରି ଅଛନ୍ତି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେ-ମାନେ ଦାୟୀ ନୋହୁଁ ।

---

ଶ୍ରୀଲ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହାଶୟ ।

ସମୀପେଷୁ

ହିନ୍ଦୁ ଦେବସମ୍ପତ୍ତିର ପରିଚାଳନା ସମ୍ବନ୍ଧରେ ହିନ୍ଦୁମାନଙ୍କର ଦୃଷ୍ଟି ଆକର୍ଷିତ ହୋଇଅଛି । ଏତଦ୍‌ବିଷୟରେ ବିଶେଷ ଆଲୋଚନା କରିବା ନିମନ୍ତେ ଗବର୍ଣ୍ଣମେଣ୍ଟ ଅସ୍ୱୀକୃତ ହୋଇଥିଲେ ସୁଦ୍ଧା ବିଶେଷ କୌଣସି ଦେବମନ୍ଦିରର ଦେବସମ୍ପ-ତ୍ତିର ଅପବ୍ୟବହାର ହେଉଥିଲେ ଓ ଉକ୍ତ ବି-ଷୟ ଗବର୍ଣ୍ଣମେଣ୍ଟଙ୍କ ସନ୍ନିକଟରେ ଅଗତ କଲେ ଅବଶ୍ୟ କୌଣସି ପ୍ରତୀକାର ଗ୍ରହଣ କରି ପାରନ୍ତି । ଅମ୍ଭମାନଙ୍କର କଟକସହରର ଉପୁକାଅଗତ ମନ୍ଦିରର ଅବସ୍ଥା ଅତୀବ ଶୋ-ଚନୀୟ ହୋଇଅଛି । ଅନ୍ୟ କଥା ଦୂରରେ ଥାଉ ଠାକୁରଙ୍କର ଦୈନିକ ଭୋଗ ସୁଦ୍ଧା ଚଳୁ ନାହିଁ । ଠାକୁରଙ୍କ ବିଷୟ ବୁଝିବା ଭାର ଯାହାଙ୍କୁପରେ ନ୍ୟସ୍ତ ସେ ମୋଫସଲରେ ଥାଇ କୋଠଘରୁ ନିଜସ୍ୱାର୍ଥ ପ୍ରତି ଦୃଷ୍ଟି ରଖିଅଛନ୍ତି । କଟକରେ ମାନ୍ୟ ଗଣ୍ୟ ଲୋକଙ୍କ ସଂଖ୍ୟା ଅଧିକ ହେଣୁ ଆଶା ହେଉଥିଲା ଯେ ଧର୍ମକାର୍ଯ୍ୟ ପ୍ରତି ସେମା-ନେ ଯତ୍ନଶୀଳ ହେବେ କିନ୍ତୁ ଯାହା ପ୍ରବାଦ ଅଛି "କହୁଣ ଲୋକରେ ମୂଷା ମରଇ ନାହିଁ" ତାହା ପ୍ରତ୍ୟକ୍ଷରେ ଘଟିଲା । ସାଧାରଣ କାର୍ଯ୍ୟ-ପ୍ରତି କାହାରି ଇଚ୍ଛା ଥିଲେ ସୁଦ୍ଧା, କେହି ନିଜକୁ ସାମାନ୍ୟ କ୍ଷତିକର କାର୍ଯ୍ୟକ୍ଷେତ୍ରରେ ଉପସ୍ଥିତ ହୋଇ ପାରୁ ନାହାନ୍ତି । ବର୍ତ୍ତମାନ କଟକର ସମସ୍ତ ମଧ୍ୟ ଏପରି ହୋଇଅଛି ଯେ ସାଧାରଣ କାର୍ଯ୍ୟପ୍ରତି କେହି ମନ ବଳାଇବାରୁ ସ୍ପୃହ ନାହାନ୍ତି କେବଳ ସ୍ୱାର୍ଥପ୍ରତି ଦୃଷ୍ଟି ରଖି ଆଅନ୍ତି । ରୋଗିଙ୍କପ୍ରତି କଟୁ ଔଷଧ ପରି ଉ-ପରୋକ୍ତ ବାକ୍ୟ ପ୍ରୟୋଗ ହେଉ ଲେଖକଙ୍କୁ କେହି ଦୋଷାରୋପ ନ କରି ଦେବମନ୍ଦିର ର-କ୍ଷାକରିବା ନିମନ୍ତେ ସାଧାରଣ ଯତ୍ନଶୀଳ ହେଉ-ନ୍ତୁ । ପାଠକେ ଜାଣନ୍ତୁ ଯେ ରାତିପୂର୍ବ ଲୁଟକ-ଭରେ ଯଥାସମୟରେ ଖଜଣା ନ ଦେବାରୁ ଉପୁକାଅଗତଙ୍କର ଖଣ୍ଡିଏ ବହୁମୂଲ୍ୟ ଜମିଦାରୀ ନିଲାମ ହୋଇଯାଇ ଅଛି । ଦେବସମ୍ପତ୍ତିର ପରି-ଚାଳନା ଯେ ବିଶୃଙ୍ଖଳାରୂପେ ହେଉଅଛି ଏହାହିଁ ଯଥେଷ୍ଟ ପରିଚୟ ଦେଉଅଛି । ହିନ୍ଦୁମାନେ ଏପ୍ରକାର ସମୟରେ ହସ୍ତକ୍ଷେପ ନ କଲେ ହିନ୍ଦୁର ଗୋଟିଏ ପ୍ରାଚୀନ ଦେବମନ୍ଦିର ଧ୍ୱ-ଂସ ହୋଇଯିବ ଏବଂ ଏହିପରି ପ୍ରାଚୀନ କୀର୍ତ୍ତି ଅଚିରେ ଲୋପ ପ୍ରାପ୍ତ ହେବ ।

ଜଣେ ହିନ୍ଦୁ

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ସୁଦର୍ଶନ ଦାସ | କଟକ | ଟ ୧ |
| ଲକ୍ଷ୍ମଣଚରଣ ପଧାନ | ଅନୁଗୋଳ | ଟ ୩ |
| ଅନନ୍ତ ଦାସ ମହାପାତ୍ର | ଟେକାଲି | ଟ ୩ |
| ରାମପ୍ରସାଦ ସିଂହ | କଟକ | ଟ ୩ |
| ଗୋପାଳଚରଣ ଦାସ | ଭଦ୍ରକ | ଟ ୩ |
| ଦଣ୍ଡପାଟ, ସହାଣି ନାଏକ | | ଟ ୧ |
| ଲୁକ୍ଷ୍ମୀଧର ଦାସ | ଝରସିଂ | ଟ ୨ |
| ହରିକୃଷ୍ଣ ଘୋଷ | କଟକ | ଟ ୩ |
| ମାଣିକଲାଲ | | ଟ ୧ |
| କୃଷ୍ଣାନନ୍ଦ ଦାସ | ଫୁଲବାଣୀ | ଟ ୩ |
| ରାଜ ବନମାଳୀ ମୋହନ ଖେଣ୍ଡର ଦେଓ ରାଣପୁର | | ଟ ୩ |
| ବିଶ୍ୱନାଥ ଦାସ | ପାରଳାଖେମୁଣ୍ଡି | ଟ ୩ |
| ଭଗବାନ ମହାନ୍ତି | କଟକ | ଟ ୧୪ |
| ବାମନ ଗୁରୁ ସାମନ୍ତ | ଶୋରଥା | ଟ ୧୫ |
| ଶ୍ରୀରାମ ମହାପାତ୍ର | | ଟ ୧ |
| ଦେଶଜପାଣ୍ଡି ଜଗନ୍ନାଥ ଗାର୍ଡ଼ | ଭଦ୍ରକ | ଟ ୨ |
| ମାର୍କଣ୍ଡ ମହାନ୍ତି | ସମ୍ବଲପୁର | ଟ ୧ |

Digitized by srujanika@gmail.com

Split by PDF Splitter



# PROCLAMATION OF SALE.

(SECTION 287 C. P. CODE.)

( ଏଠାରେ କଟକର  ନୀଲାମୀ ଇସ୍ତାହାର ।

ସବ୍‌ଜଜଙ୍କ ମୋହର ଅଛି )  ଦେୱାନୀ କାର୍ଯ୍ୟବିଧି ଆଇନର ଧା ୨୮୭ ସ୍ତ ।  ଏଠାରେ ସବ୍‌ଜଜଙ୍କ ଦସ୍ତଖତ ଅଛି ।

ଜିଲ୍ଲା କଟକ ସବୋର୍ଡ଼ିନେଟ ଜଜ ସାହେବଙ୍କ  ଅଦାଲତ ।

ନ ୨୧୭ ନମ୍ବର  ଡିକ୍ରୀଜାରୀ  ସନ ୧୮୯୪ ସାଲ ।

ଗୌର୍ଯୁସ କୃତ୍ତିବାସ ଦାସ  । ସା । ଉଙ୍କାରପୁର । ପ୍ର । କୋଠଦେଶ ।  ଡିକ୍ରୀଦାର ।

ବନାମ ।

ବାବୁ ଗୋଲକଚନ୍ଦ୍ର ଘୋଷ ଓ ହେମଚନ୍ଦ୍ର ଘୋଷ ନାବାଲଗ ପୋଷ୍ୟପୁତ୍ର ଓୟାରସ ବାବୁ ଗୋପାଳଚନ୍ଦ୍ର ଘୋଷ ଖାତିର । ମୁ ! ଙ୍କର ଉକ୍ତ

ନାବାଲଗ ବଜରିଏ ମାତା ଓ ଅବଭିବକ ଶ୍ରୀମତୀ କ୍ଷେତ୍ରମଣି ଦାସୀ  । ସା । ଶ୍ରୀକୃଷ୍ଣପୁର ଓରଫ ଭୁଆଁପାଳ । ପ୍ର । ମାତକତଳଗର ହାଲ କାଜିବଜାର ସହର କଟକ  ଦେଣଦାରମାନେ ।

ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦମାର ଡିକ୍ରୀଦାର ଜରଡିକ୍ରୀ ଓଗର । ମଧ ଖର୍ଚ୍ଚା । ମୁ । ୮୨୪୪୪/୧ ଟାଙ୍କା ପରିଶୋଧାର୍ଥେ ଏଥି ସଂଲଗ୍ନ ତଫସୀଲ ଲିଖିତ କୋଙ୍ଗ ସମ୍ପତ୍ତି ବିକ୍ରୟ ସକାଶ ଏହି ଅଦାଲତଙ୍କ କର୍ତ୍ତୃକ ସନ ୧୮୮୨ ସାଲ ଅ ୧୪ ଜର ଧା ୨୮୪ ସ୍ତ ଅନୁସାରେ ଏକ ହୁକୁମ ପ୍ରଚାରିତ ହୋଇଅଛି । ପ୍ରକାଶ୍ୟ ନୀଲାମରେ ବିକ୍ରୟ ହେବ ଏବଂ ଉକ୍ତ ତଫସୀଲ ଲିଖିତ ଲଟମାନଙ୍କରେ ସମ୍ପତ୍ତି ନୀଲାମ ହେବ ଉପରୋକ୍ତ ଦେଣଦାରର ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ମାତ୍ର ବିକ୍ରୟ ହେବ ସେହି ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ତହୁଁ ସଂକ୍ରାନ୍ତ କାର୍ଯ୍ୟ ଓ ଦାବୀ ସମସ୍ତ ଯେତେଦୂର ନିର୍ଣ୍ଣୟ କରି ଯାଇ ପାରେ ଓ ତତ୍ସମ୍ବନ୍ଧ ତଫସୀଲରେ ପ୍ରତ୍ୟେକ ଲଟର ସମ୍ମୁଖରେ ବିଶେଷ କରି ଲେଖା ହେବ ।

ଏହି ଅଦାଲତରୁ ନୀଲାମ ସ୍ଥଗିତର କୌଣସି ହୁକୁମ ନ ହେଲେ କଟକ ମୁଦାମ ସବୋର୍ଡ଼ିନେଟ ଜଜ ସାହେବଙ୍କ କର୍ତ୍ତୃକ ସନ ୧୮୯୫ ମସିହା ଜାନୁଆରୀ ମାସ ତା ୧୫ ଋଖ । ମୁ । ସନ ୧୩୦୨ ସାଲ ମାଘମାସ ତା ୪ ଋଖ ମଙ୍ଗଳବାର ବେଳ ଘ ୧୨ ଣ୍ଟା ସମୟରେ ଏହି ଅଦାଲତରେ ନୀଲାମ ହେବ ମାତ୍ର କୌଣସି ଲଟର ଡାକ ଶେଷ ହେବା ପୂର୍ବରେ ଉପରୋକ୍ତ ଖର୍ଚ୍ଚା ସମେତ ଡିକ୍ରୀର ଦେନା ଓ ନୀଲାମର ଖର୍ଚ୍ଚା ଦେବା ନିମନ୍ତେ ଉପସ୍ଥିତ କର୍ମଚାରୀଙ୍କୁ ଜମା ଦିଆ ହେଲେ ନୀଲାମ ସ୍ଥଗିତ ହେବ ।

ନୀଲାମରେ ସର୍ବସାଧାରଣଙ୍କୁ ସ୍ୱୟଂ ଅଥବା ଯଥାମତ କ୍ଷମତାପ୍ରାପ୍ତ କାରପରଦାଜଦ୍ୱାରା ନୀଲାମ ଡାକିବା ସକାଶେ ଅହ୍ୱାନ କରାଯାଉଅଛି ପ୍ରଥମେ ଅଦାଲତଙ୍କର ଅନୁମତି ସ୍ପଷ୍ଟରୂପେ ଦିଆ ନ ହେଲେ ଉପରୋକ୍ତ ଡିକ୍ରୀଦାରମାନଙ୍କଦ୍ୱାରା ଅଥବା ସେମାନଙ୍କପକ୍ଷରେ କୌଣସି ଡାକ ଗ୍ରାହ୍ୟ ହେବ ନାହିଁ ଅଥବା ସେମାନଙ୍କ ନିକଟ ବିକ୍ରୟ ସିଦ୍ଧ ଗଣ୍ୟ ହେବ ନାହିଁ ।

ନୀଲାମ ସଂକ୍ରାନ୍ତ ନିୟମ ।

୧ । ଯେ ସମ୍ପତ୍ତି ନୀଲାମ ହେବ ସେଥିରେ ଡିକ୍ରୀଦାରମାନଙ୍କର ଯେ ସ୍ୱତ୍ୱ ସ୍ୱାମିତ୍ୱ ଲଭ୍ୟ ଅଛି ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କର ଯେ ଦାବୀ ଅଛି ତାହା ଅଦାଲତ ଯେତେଦୂର ଜାଣିପାରନ୍ତି ତାହା ପ୍ରକାଶ କରା ହୋଇ ଅଛି ମାତ୍ର ଏହି ଇସ୍ତାହାରର କୌଣସି ଭୁଲ ବା ଯଥାର୍ଥ ବର୍ଣ୍ଣନା ବା ବର୍ଣ୍ଣନାର ତ୍ରୁଟି ସକାଶେ ଅଦାଲତ ଦାୟୀ ହେବେ ନାହିଁ ।

୨ । ଯେ ପରିମାଣରେ ଡାକ ବୃଦ୍ଧି କରିବାକୁ ହେବ ତାହା ନୀଲାମକାରକ କର୍ମଚାରୀ କର୍ତ୍ତୃକ ସ୍ଥିର କରା ହେବ । ଯେ ଟଙ୍କା ଡାକ ହୁଏ ତତ୍ସଂମ୍ବନ୍ଧେ କିମ୍ବା ଯେବ୍ୟକ୍ତି ଡାକେ ତାହାସମ୍ବନ୍ଧେ କୌଣସି ତର୍କ ଉତ୍ଥାପିତ ହେଲେ ତତ୍କ୍ଷଣାତ୍ ଲଟ୍ ପୁନର୍ବାର ନୀଲାମ କରାଇବାକୁ ହେବ ।

୩ । ଯେ ବ୍ୟକ୍ତିର ଡାକ ସର୍ବାପେକ୍ଷା ଅଧିକ ସେବ୍ୟକ୍ତି ଆଇନ ଅନୁସାରେ ଡାକିବାର ଉପଯୁକ୍ତ ହେଲେ ତାହାକୁ ଲଟର ଖରିଦଦାର ବୋଲି ପ୍ରକାଶ କରାଯିବ ।

୪ । ନୀଲାମକାରକ କର୍ମଚାରୀ ହେତୁ ଲିପିବଦ୍ଧପୂର୍ବକ ଆପଣା ଇଚ୍ଛାମତେ ନୀଲାମ ସ୍ଥଗିତ ରଖି ପାରିବେ ଅନ୍ୟ ତାହା ସର୍ବଦା ସନ ୧୮୮୨ ସାଲର ଅ ୧୦ ଇନର ଧା ୨୯୧ ସ୍ତର ବିଧାନପ୍ରତି ଦୃଷ୍ଟି ରଖି କରିବାକୁ ହେବ ।

Digitized by srujanika@gmail.com

Split by PDF Splitter



୫ । ଅସ୍ଥାବର ସମ୍ପତ୍ତିର ସ୍ଥଳେ ପ୍ରତ୍ୟେକ ଲାଟର ମୂଲ୍ୟ ନିଲାମ ସମୟରେ ଅଥବା ତାହାପରେ ଯେଉଁ ସମୟରେ ନିଲାମକାରକ କର୍ମଚାରୀ ଦେବାକୁ କହନ୍ତି ସେହି ସମୟରେ ଦେବାକୁ ହେବ ଏବଂ ତାହା ନ ଦେଲେ ସମ୍ପତ୍ତି ତତ୍‌କ୍ଷଣାତ ନିଲାମରେ ଉଠାଇ ବିକ୍ରୟ କରିବାକୁ ହେବ ।

୬ । ସ୍ଥାବର ସମ୍ପତ୍ତିସ୍ଥଳେ ଯେଉଁ ବ୍ୟକ୍ତିକୁ ଖରିଦଦାର ବୋଲି ପ୍ରକାଶ କରାଯିବ ସେ ଉକ୍ତ ଖରିଦଦାରବୋଲି ପ୍ରକାଶକରଣ ଅବ୍ୟବହିତ ପରେ ମୂଲ୍ୟ ଟଙ୍କାମଧ୍ୟରୁ ଶତକରା ଟ ୨୫ ଙ୍କା ନିଲାମକାରକ କର୍ମଚାରୀଙ୍କୁ ଦେବେ ଏବଂ ତାହା ନ ଦେଲେ ଉକ୍ତସମ୍ପତ୍ତି ତତ୍‌କ୍ଷଣାତ୍ ପୁନର୍ବାର ନିଲାମରେ ଆଣି ବିକ୍ରୟକରାଯିବ ।

୭ । ସମ୍ପତ୍ତି ନିଲାମ ପରେ ସେହିତାରିଖ ବାଦ୍ ଦ ୧୫ ଦିନ ଅଦାଲତ୍ ବନ୍ଦହେବା ପୂର୍ବେ ମୂଲ୍ୟର ସମୁଦାୟ ଟଙ୍କା ଦେବାକୁ ହେବ ତମ୍ଭ, ଦ ୧୫ ଦିନ ରବିବାର ବା ଅନ୍ୟ କୌଣସି ବଡ଼େଦିବସର ଦିନ ହେଲେ ଦ ୧୫ ଦିନର ପର ପ୍ରଥମକଚେରୀର ଦିନ ଦେବାକୁ ହେବ ।

୮ । ଉକ୍ତ ନିର୍ଦ୍ଧାରିତ ମିଆଦମଧ୍ୟରେ ମୂଲ୍ୟର ବାକି ଟଙ୍କା ଦିଆ ନ ହେଲେ ନୂତନ ନିଲାମୀ ଇସ୍ତାହାର ଜାରି ପରେ ସମ୍ପତ୍ତି ପୁନର୍ବାର ବିକ୍ରୟ କରିବାକୁ ହେବ । ଅମାନତି ଟଙ୍କା ନିଲାମର ଖର୍ଚ୍ଚାନ୍ତ ବାଦ୍ ଯାହା ଥାଏ ତାହା ସରକାରରେ ବାଜ୍ୟାପ୍ତ ହେବ ଏବଂ ଉକ୍ତସମ୍ପତ୍ତି ତାହାପରେ ଯେ ମୂଲ୍ୟରେ ବିକ୍ରୟ ହୁଏ ତାହାର କୌଣସି ଅଂଶପ୍ରତି ପୂର୍ବ ଖରିଦ୍ଦାର ଯେ ମୂଲ୍ୟ ଟଙ୍କା ଦେବାକୁ ତ୍ରୁଟି କରିଅଛି ତାହାର କୌଣସି ଦାବି ରହିବ ନାହିଁ ।

ଅଦ୍ୟ ସନ ୧୮୯୪ ମସିହା ନବେମ୍ବରମାସ ତା ୨୬ ଘଟେ ଅମ୍ଭର ସ୍ୱାକ୍ଷର ଓ ଅଦାଲତର ମୋହରଯୁକ୍ତମତେ ଦଅଗଲା ।

## ସମ୍ପତ୍ତିର ତପସିଲ ।

## ସମ୍ପତ୍ତିର ତପସିଲ ।

| ଲାଟର ନମ୍ବର | ବିକ୍ରୀ ସମ୍ପତ୍ତି ସେ ପ୍ରକାରର । | ସରକାରରେ ରାଜସ୍ୱ ପ୍ରଦାୟକ କୌଣସି ସମ୍ପତ୍ତିର ସ୍ୱତ୍ୱ ହେଲେ ତାହାର ରାଜସ୍ୱର ପରିମାଣ । | ସମ୍ପତ୍ତିରେ କୌଣସି ଦାୟ ସମ୍ବନ୍ଧ ଥିଲେ ତାହାର ବିସ୍ତାରିତ ବିବରଣୀ । | ସମ୍ପତ୍ତିର ପ୍ରତି କୌଣସି ଦାବି ଉପସ୍ଥିତ କରିହେଲେ ସେହି ଦାବି ଓ ସ୍ୱତ୍ୱ ଯେ ପ୍ରକାର ଓ ତାହାର ଯେ ମୂଲ୍ୟ ହୋଇପାରେ ତତ୍‌ସମ୍ବନ୍ଧେ ଅନ୍ୟ ଯେ କୌଣସି ବିଷୟ ଜଣାଯାଏ । |
|---|---|---|---|---|
| ୧ | କଟକଜିଲା ଅନ୍ତର୍ଗତ ଯାଜପୁର ସବରେଜିଷ୍ଟ୍ରିର ଇଲାକାର ।<br>।ପ୍ର। ବରୁଆଁ ତଉଜୀ ନଂ ୧୩୧୩ ମହଲକୁ । ତା । ରାଧାମୋହନ ପ୍ରସାଦ ଜମିଦାର ଙ୍କ ଠାରୁଁର ସଦରଜମା ... ... ... ...<br>ତହିଁପକ୍ଷେ ନଂ ୧ ମ୍ବର ପ୍ରତିବାଦୀ ଓ ଦୁଇନମ୍ବର ପ୍ରତିବାଦୀର ପିତା ଗୋପାଳଚନ୍ଦ୍ର ବୋଷ ଗାଡ଼ଙ୍କ ନାମ କଟକଜିଲା କଲିକ୍ଟର ସୀରସ୍ତା ରେଜିଷ୍ଟରି ବହିରେ ଲେଖାଯାଇ ତହିଁମଧ୍ୟରୁ । ଖା । ଟ ୦ ୩୩ ।୦ ୬୬/୧୩ କୁ ସଦରଜମା । ବି । ମଥୋଟ ...<br>ଅଛି ଏ ମକଦମାରେ ବନ୍ଧକ ଅଛି ନିଲାମ ହେବ । ବ ତହିଁର ଅନୁମାନିକ ମୂଲ୍ୟ | ଟ ୪୨୬୪ ୩/୧୧ ଅଟେ<br>ଟ ୪୩୮୪ ।୵୦୩/ ହେଉଅଛି<br>ଟ ୨୦୦୦୦ ଙ୍କା | | |
| ୨ | ।ପ୍ର। ଉତ୍ତର ଅଇଷପୁର ନଂ ୧୯୬୧ ମ୍ବର ତଉଜୀକୁ । ତା । ପଦ୍ମନାଭପୁର ଜମିଦାରୀ ର ଠାରୁଁର ସଦରଜମା ... ... ... ...<br>ତହିଁପକ୍ଷେ ନଂ ୧ ମ୍ବର ପ୍ରତିବାଦୀ ଓ ନଂ ୨ ମ୍ବର ପ୍ରତିବାଦୀର ପିତା ଗୋପାଳଚନ୍ଦ୍ର ବୋଷ ଗାଡ଼ଙ୍କ ନାମ କଟକଜିଲା କଲିକ୍ଟର ସୀରସ୍ତା ରେଜିଷ୍ଟରି ବହିରେ ଲେଖାଯାଇ ତହିଁମଧ୍ୟରୁ । କ । ଟ ୩ କୁ ସଦରଜମା ଟ ୧୬୪୬୩୮ ବଜେଟ ଥିବା ସେଥି ଜମିସକ୍କ ଅଧିପତି ବକ୍ତି । ଖ । ଟ ୦ ।/ ବାକି ବାଗ । ଗ । ଟ ୦ ।/ କୁ ମଥୋଟ ସଦରଜମା ଏ ମୋକଦମାରେ ନିଲାମ ହେବ । ବ ତହିଁର ଅନୁମାନିକ ମୂଲ୍ୟ ... ... | ଟ ୩୬୧୩ ।/ ୪ ଅଟେ<br>ଟ ୭୬୮ ୩/୦ ହେଉଅଛି<br>ଟ ୩୦୦୦ ଙ୍କା | | |

Digitized by srujanika@gmail.com

# ବିଜ୍ଞାପନ ।

"ବଡ଼ାମ୍ବା ମାନେଜରସ୍ କଚେହରୀମଣ୍ଡଳେ ଜଣେ ଟ୍ରେଜରର ଆବଶ୍ୟକ ଅଛୁ ବେତନ ମାସିକ ଟ ୧୫୯ ଙ୍କା କର୍ମ୍ମ ପ୍ରାର୍ଥୀମାନେ ଅପଣାର ଯୋଗ୍ୟତା ଓ କୁଳଶୀଳତାର ନିଦର୍ଶନସହିତ ଅବେଦନପତ୍ର ନିମ୍ନ ଠିକଣାକୁ ଚଳିତମାସ ତା ୨୫ ଋଖ ମଧ୍ୟରେ ପଠାଇବେ ।

ପ୍ରକାଶଥାଉ କି ଏହି କର୍ମ୍ମରେ ଯେ ନିଯୁକ୍ତ ହେବେ ତାଙ୍କୁ ନଗଦ ବା ଗବର୍ଣ୍ଣମେଣ୍ଟ କାଗଜରେ ଟ ୫୦୦୧ ଙ୍କାର ଯମିନ ଦେବାକୁ ହେବ ଇତି ।

୩।୧୨।୯୪ } Madan Mohan Patnaik.

ବଡ଼ାମ୍ବା } ମାନେଜରଷ୍ଟ । କ । ବଡ଼ାମ୍ବା

---

ହଜାରେ ଟଙ୍କା ପୁରସ୍କାର ।

## BISHAHARI.

## ବିଷହରି ।

### ହତାଶ ହଅ ନାହିଁ ।

ଡାକ୍ତର,ଶ୍ରୀ ଶଶୀଭୂଷଣ ବିଶ୍ୱାସ ମହାଶୟଙ୍କ ଉପଦଂଶ ଓ ପାରଦଜନିତଘୋର ଅବ୍ୟର୍ଥମହୌଷଧ ସେବନ କର । ଏହାଦ୍ୱାରା ସକଳ ପ୍ରକାର ଷାଇଦ ଓ ଉପଦଂଶ ଜନିତରୋଗ ଦ ୧୫ ଦିନେ ଓ ପ୍ରମେହ ଦ ୩ ଦିନେ ନିଶ୍ଚୟ ଅରୋଗ୍ୟ ହୁଅଇ । ଏଥିରେ କୁଷ୍ଠ ଅରୋଗ୍ୟ ହେଉଅଛି, ଏହା ଦେଶୀୟ ବୃକ୍ଷରୁ ରସାୟନିକ ପ୍ରକ୍ରିୟାଦ୍ୱାରା ପ୍ରସ୍ତୁତ ଏବ ସମ୍ପୂର୍ଣ୍ଣ ପାରଦବର୍ଜିତ, ପାରୁ ବାହାର କଲେ ହଜାରେ ଟଙ୍କା ପୁରସ୍କାର ଦେବୁଁ । ମୂଲ୍ୟ—ସେବନଔଷଧର ଟ ୧ଙ୍କା, ଲେପନଔଷଧର ଟ ୧ ଙ୍କା, କୁଷ୍ଠରୋଗର ଘୃତ ଟ ୪ ଙ୍କା, ପ୍ୟାଃ ଓ ଡ଼ାଃ ଟ ୦।୵ ବ୍ୟବସ୍ଥା ପତ୍ର ସହିତ ଔଷଧ ଭିଃ ପିଃ ପୋଷ୍ଟରେ ପଠାଯିବ ।

"ପ୍ରଧାନ ଏଜେଣ୍ଟ ମେସର୍ସ କଟକୃଷ୍ଣ ପାଲ ଏଣ୍ଡ କୋଂ, ଶୋଂଭାପଟୀ, ତନାବଜାର କଲିକତା"

କଟକର ଏଜେଣ୍ଟ

ବାବୁ ଏଲ୍, ଏନ୍, ନାୟକ

ଇମ୍ପିରିୟଲ ମେଡିକାଲହଲ୍‌ମ୍

କଟକ ଓଡିଶା

---

ମାଇନର, ଏଣ୍ଟ୍ରାନ୍ସ, ଅପରପ୍ରାଇମେରି ନିମ୍ନ ପ୍ରାଇମେରୀସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ତାହାର ବ୍ୟାଖ୍ୟା, ଓ ଅଟଲସ, ଓ୍ୟାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅକ୍ଲେଶରେ ପାଇପାରିବେ ।

---

## ଉଷାବତୀ ହରଣ ମୂଲ୍ୟ ଠ ୦ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି

---

## ଲୁଗା ଓ ନାନାଦ୍ରବ୍ୟର ଦୋକାନ ।

ଏହି ସହର କଟକ ଚୌଧୁରୀବଜାର ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କ ବସା ସଂଲଗ୍ନରେ ଆମ୍ଭମାନଙ୍କର ଦୋକାନରେ ଚନ୍ଦ୍ରକୋଣା, ବିଲାତି, ରେସମୀ ପ୍ରଭୃତି ଲୁଗା ଓ ଅନ୍ୟାନ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଅତି ସୁଲଭ ଏବ ଏକ ନିର୍ଦ୍ଦିଷ୍ଟ ଦରରେ ବିକ୍ରୟ ହେଉଅଛି । ପ୍ରତ୍ୟେକ ଲୁଗାର ଖରିଦ ଦର ସେହି ଲୁଗା ଉପରେ ଲେଖା ଅଛି। ଭଦ୍ର ଗ୍ରାହକମାନଙ୍କ ପକ୍ଷରେ ଏହା ବଡ଼ ସୁବିଧା । ଯେହେତୁ ଦରଦାମ କରିବାର ଆବଶ୍ୟକତା ନାହିଁ । କେବଳ ଦାଗ ଦେଖି ତହିଁ ଉପରେ ମୁନଫା ଦେଇ ମୂଲ୍ୟ ଦେଲେ ଲୁଗା ନେଇ ପାରିବେ । ସମସ୍ତ ଗ୍ରାହକଙ୍କ ପକ୍ଷରେ ଏକଦର ତାହାଠାରୁ ଅଧିକ ବା ଊଣା ନିଆ ଯାଏ ନାହିଁ ।

ଅନ୍ୟାନ୍ୟ ଦ୍ରବ୍ୟ ମଧ୍ୟରୁ କେତେକ ଦ୍ରବ୍ୟର ନାମ ଓ ମୂଲ୍ୟ ନିମ୍ନେ ଲେଖା ଗଲା । ଗ୍ରାହକମାନେ ଜିନିସ ଦେଖି ବଜାର ସଙ୍ଗେ ମିଶାଇଲେ ପ୍ରତ୍ୟକ୍ଷ ଦେଖିବେ ଯେ ଆମ୍ଭମାନଙ୍କର ମୂଲ୍ୟ ଯଥାସମ୍ଭବ ଅଳ୍ପ ଅଟଇ ।

ନଗଦ ମୂଲ୍ୟରେ ମୋଫସଲକୁ ଡାକଯୋଗେ ଦ୍ରବ୍ୟ ପଠାଯାଏ ଏବ ଟଙ୍କା ପ୍ରତି ଅନ୍ତତଃ ଚାରିଅଣା ଅଗ୍ରୀମ ପଠାଇଲେ ଭେଲ୍ୟୁପେଏବଲ୍ ଡାକଯୋଗେ ଦ୍ରବ୍ୟ ପଠାଇବାକୁ ପ୍ରସ୍ତୁତ ଅଛୁଁ ।

### ଫର୍ଦ୍ଦ ।

| ଜିନିସର ନାମ | ମୂଲ୍ୟ |
|---|---|
| ଅଷ୍ଟମେଣ୍ଟ ପେନସୀଲ | ଗୋ ୧ ଟ ୦ ୲ |
| ଲାଲ ଓ ନୀଳ ପେନସୀଲ | ଗୋ ୧ ଟ ୦ ୵୯ |
| ଓଡ଼ିଆ ପେନସୀଲ | ଦ ୧ ଟ ୦ ୶ |
| ନକସା କାଗଜ | ଦ ୧ ଟ ୦ ୶ |
| ଫୁଲସକେପ୍ କାଗଜ ସରୁଆ | ଦ ୧ ଟ ୦ ୵ |
| ଏହିକି ରୁଲବାଲା | ଦ ୧ ଟ ୦ ୵ |
| ଏହିକି ନିରସା | ଦ ୧ ଟ ୦ ୵ |
| ଫାନସୀନୋଟପେପର ଓ ଲଫାଫା | ଦ ୧ ଟ ୬ । |

| | |
|---|---|
| ଡାକକାଗଜ ସରୁଆ | ଦ ୧ ଟ ୦ ୵ |
| ଏହିକି ମଧ୍ୟମ | ଦ ୧ ଟ ୦ ୲ |
| ଲଫାଫା ସରୁଆ ସ୧୦୦ଟ୦୵ ଗୋ ୨୫ | ଟ୦୵ |
| ଏହିକି ମଧ୍ୟମ ସ୧୦୦ ଟ ୦ ୶ ଗୋ ୨୫ | ଟ ୦ ୯ |
| ବାଲିକାଗଜ ୧୬ ପଣ | ଦ ୧ ଟ ୦ ୵ |
| ସୀହାଇ | ବୋ ୧ ଟ ୦ ୵ |
| ଏହିକି ସୁନ୍ଦର ଏହାକୁ ଅଧିକୋତଲ ଜଳରେ ସଜାଇ ଦୁଇଦିନ ପରେ ଛାଙ୍କି ନେଲେ ଉତ୍ତମ ସିହାଇ ପ୍ରସ୍ତୁତ ହେବ | ବ ୧ ଗ୍ରୁସ ଟ ୦ ୵ |
| ସୀଲଷ୍ଟ ପେନସୀଲ | ବ ୧ ଟ ୦ ୶ |
| ରବର | ଖ ୧ ଟ ୦ ୶ |
| ହଂସପକ୍ଷୀ କଲମ | ଗୋ ୨୫ ଟ ୦ ୲ |
| ଲୁହା କଲମ (ନିବ) ସରୁଆ | ଡ଼ି ୧ ଟ ୦ ୵ |
| ଏହିକି ନିରସା | ଡ଼ି ୧ ଟ ୦ ୯ |
| ଏହିକି ନଡ଼ମାଗନଟୋନମ | ଗୋ୧ ଟ ୦ ୧୬ |
| କାଠଦୁଆର ଢାଙ୍କୁଣି ସହିତ (ଚକୁଆବାଲା) | ଗୋ ୧ ଟ ୦ । |
| ଏହିକି ସାଧାରଣ | ଗୋ ୧ ଟ ୦ ୵ |
| କଲାଫିତା ସରୁଆ | ଖ ୧ ଟ ୦ ୶ |
| କୋଉର୍ୟୁର ବେଗ ବୃକସହିତ | ଗୋ ୧ ଟ ୦ ୵ |
| ମନିବେଗ | ଗୋ ୧ ଟ ୦ ୵ |
| ମୁଣ୍ଡନପଥରର ଫଣ୍ଟିପିଚ୍ଛିକା ଓ ରୁପେଲିନକସାବାଲା | ଗୋ ୧ ଟ ୬ । |
| ଲେଭେଣ୍ଡର | ଗୋ ୧ ଟ ୧୧ |
| ମେକସର ଅଏଲ | ଗୋ ୧ ଟ ୦ ୯ |
| ସାବୁନ ସରୁଆ | ଖ ୧ ଟ ୦ ୵୯ |
| ଫଲଦାନ୍ତି | ଗୋ ୧ ଟ ୧ ୵ |
| ଦେବାଲଗିର ୬ଡାଲିଆ | ଗୋ ୨ ଟ ୪। |
| ଏହିକି ଏକଡାଲିଆ | ଗୋ ୧ ଟ ୨ |
| ସେଲ | ଗୋ ୧ ଟ ୨ |
| ଅସ୍ତରୋଟ | ଗୋ ୧ ଟ ୵ ୨ |
| ତାସ | ଦ ୧ ଟ ୦ ୵ |
| ସାନପଗଡ଼ି | ଗୋ ୧ ଟ ୫ ୧ |
| ବନାରସୀ ସନ୍ଧ୍ୟା ଜପ୍ପି ପଚାଧାରଏହାକୁ କୌଣସି ସ୍ଥାନରେ ଲେଖି ନାଥଁରେ ଭରଲାଇ କୋଠା ଛାଦର ଫାଟରେ ଲଗାଇ ଦେଲେ ଘାଣି ପଡ଼ିବାର ବନ୍ଦ ହେବ | ସେ ୧ ଟ ୦ |

କଟକ } ଅରଜବନ୍ଧୁ ଦତ୍ତ
ଚୌଧୁରୀ ବଜାର } କମ୍ପାନି

Split by PDF Splitter

Digitized by srujanika@gmail.com

Split by PDF Splitter




A
## COMPLETE KEY
To
Lethbridge's Easy Selection
[ *MINOR COURSE* 1894 ]

Containing English meanings, explanations, &c. with the questions set at the Minor Examination during the past three years.

Price one rupee. For mofussil postage one anna.

To be had of the Secretary Printing Company, Durgha Bazar, Cuttack.

CUTTACK The22nd November 1894 } Akshoy Kumar Ghose and Hara chand Ghose

## ADVERTISEMENT.

Wanted a work-sirkar for the first section of the Anandpore road of the Keunjhar State on a salary of Rs. 25 per mensem.

Applications with copies of testimonials will be received by the undersigned not later than 15th December next.

None need apply who has not passed at the final examination of the Cuttack Survey School, and who has not a fair knowledge in the arts of Surveying, Levelling, Drawing, Road-making and Estimating.

The claims of such candidates as have acquired a fair knowledge in Uria and have read up to the Entrance standard and have been accustomed to the Gurjat climate, will be preferable.

KEUNJHARRAJ. 16-11-94. } CHAITAN PROSAD RAI, *Manager & Asstt. Govt. Agent* KEUNJHAR RAJ

## ସଙ୍ଗୀତସର୍ବସାର !

ନୂତନ ! ନୂତନ ! ନୂତନ !
ଓଡ଼ିଆଭାଷାରେ ଏକମାତ୍ର ଅଦ୍ୱିତୀୟ
ସଙ୍ଗୀତପୁସ୍ତକ ।
ସଙ୍ଗୀତ ସଂଖ୍ୟା ପ୍ରାୟ ଦେଢ଼ଶତ ।
ଅ ତି ସୁ ଲ ଭ ମୂ ଲ୍ୟ ଟ ୦ ।/ ମା ତ୍ର ।

ଏଥିରେ ଦକ୍ଷିଣୀ, ଝୁଲଣ, ଖେମଟା, ଟପା, ଉପରପ୍ରଚଳିତ ସ୍ୱମଧୁର-ସ୍ୱରର ଅତି ଉତ୍କୃଷ୍ଟ ଓଡ଼ିଆ, ହିନ୍ଦି, ବଙ୍ଗଳା ଓ ସଂସ୍କୃତଗୀତମାନ ସନ୍ନିବେଶିତ ହୋଇଅଛି ଏପ୍ରକାର ପୁସ୍ତକ ପ୍ରତ୍ୟେକ ସଙ୍ଗୀତପ୍ରିୟ ଲୋକ ନିକଟରେ ଆଦରଣୀୟ ।

କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବମା ବୁକ୍‌ଏଜେଣ୍ଟ ବାବୁ ରାମପ୍ରସନ୍ନ ମୁଖାର୍ଜିଙ୍କ ନିକଟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

## ରାଗ-ରସଦୀପକ ।

ଅର୍ଥାତ୍
ବିବିଧ ରାଗ ରାଗିଣୀ ସମ୍ବଳିତ ବିଶୁଦ୍ଧ
ହିନ୍ଦୀ ସଙ୍ଗୀତ ।
ମୂଲ୍ୟ ଦୁଇଅଣା ମାତ୍ର ।
ବୁକ ଏଜେଣ୍ଟମାନଙ୍କ ନିକଟରେ ଏବଂ
ଆମ୍ଭଠାରେ ପ୍ରାପ୍ତବ୍ୟ ।
ଶ୍ରୀ ଶୁକଦେବ ରାମ ଅଗ୍ରୱାଲ
ନୟାସଡ଼କ କଟକ

ଭାରତରେ ନୂତନ ! ଭାରତରେ ନୂତନ !!
ଭାରତରେ ନୂତନ !!!

## ଆଶ୍ଚର୍ଯ୍ୟ ମେହରୋଗର ଔଷଧ ।

## "ଗନରୋ ଡାଇନ୍ !"

ଯେଉଁ ଦୁଃସାଧ୍ୟ ମେହବ୍ୟାଧି ଜଗତର ସହସ୍ର ଲୋକଙ୍କୁ ମରଣାଧିକ ଯନ୍ତ୍ରଣା ପ୍ରଦାନ କରୁଅଛି, ସମସ୍ତ ଡାକ୍ତର ମଣ୍ଡଳୀ ଯେଉଁ ରୋଗର ପ୍ରକୃତ ଔଷଧ ନାହିଁ ବୋଲି ସ୍ଥିର କରିଥିଲେ, ସେହି ଜୀବନନାଶୀ ମେହରୋଗ ହସ୍ତରୁ ପରିତ୍ରାଣ ପାଇବାର, ବିକୃତ ଧାତୁକୁ ସ୍ୱାଭାବିକ ଅବସ୍ଥାରେ ପରିଣତ କରିବାର ଏହି ଏକମାତ୍ର ମହୌଷଧ "ଗନରେଡାଇନ" ଆବିଷ୍କାର ହୋଇ, ଚିକିତ୍ସା-ଜଗତର ମହାଅଭାବ ଦୂରିଅଛି; ଯଦି ତୁମ୍ଭେ ଶୁକ୍ର ସମ୍ବନ୍ଧୀୟ ପୀଡ଼ାରେ ଆକ୍ରାନ୍ତ ହୋଇଥାଅ ଏବଂ ନାନାବିଧ ଔଷଧ ସେବନକରି ହତାଶ ହୋଇଥାଅ, ତେବେ ଥରେ ଏହି ମହୌଷଧ ସେବନକରି ପରୀକ୍ଷାକର; ଅବଶ୍ୟ ଆରୋଗ୍ୟ ଲାଭ କରିବ । ଯେହେତୁ ଏହା ତୁମ୍ଭର ରୋଗର ଠିକ ପ୍ରକୃତ ଔଷଧ । ହଜାର ରୋଗୀ ଓ ଯେଉଁମାନଙ୍କୁ ବଡ଼ ବଡ଼ ଡାକ୍ତରମାନେ ପରିତ୍ୟାଗ କରିଥିଲେ ଆତ୍ମୀୟ ସ୍ୱଜନ ଯାହାଙ୍କର ଆଶା ଛାଡ଼ିଥିଲେ, ସେମାନେ ଏହି ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଅଛନ୍ତି । ଏହା କେବେହେଁ ନିଷ୍ଫଳ ହୋଇ ନାହିଁ । ଇଉରୋପ, ଆମେରିକା ଓ ଜର୍ମାନ ଦେଶୀୟ ପ୍ରସିଦ୍ଧ ଡାକ୍ତରମାନେ ରାସାୟନିକ ପରୀକ୍ଷା ଦ୍ୱାରା ସ୍ଥିରକରି ଅଛନ୍ତି ଯେ, "ଗନରେଡାଇନ" ପରି ସ୍ଥାୟୀ କ୍ରିୟାଜନକ ମେହରୋଗନାଶକ ଔଷଧ ଆଉ ଦ୍ୱିତୀୟ ନାହିଁ । ଏହାକୁ ସେବନକଲେ ଧାତୁ ଦୌର୍ବଲ୍ୟ, ମେହ, ପ୍ରମେହ, ଶୁକ୍ରମେହ, ପ୍ରସ୍ରାବଦ୍ୱାରା, ସ୍ୱପ୍ନଦୋଷ, ଧାତୁ ତରଳତା, ପ୍ରସ୍ରାବରେ ଅସହ୍ୟ ଜ୍ୱାଳା, ଲିଙ୍ଗରେ ଦାଗଲାଗିବା, ପ୍ରସ୍ରାବ ସହିତ ଶୁକ୍ରପତନ, ହାତ ଗୋଡ଼ ଜ୍ୱାଳା, ସ୍ମରଣଶକ୍ତିର ହୀନତା, ପ୍ରସ୍ରାବ ଟୋପା ଟୋପା ହୋଇ ପଡ଼ିବା, ବସ୍ତ୍ରରେ ମୂତ୍ରତ୍ୟାଗ ପ୍ରଭୃତି ଶୁକ୍ରସମ୍ବନ୍ଧୀୟ ଯାବତୀୟ କଠିନ ଓ ଦୁଃସାଧ୍ୟ ରୋଗ ଆଶୁ ଆରୋଗ୍ୟ ହେବ । ରକ୍ତ ମାଂସ ଓ ବଳବୀର୍ଯ୍ୟ ବୃଦ୍ଧି ହେବ । ଶରୀର ହୃଷ୍ଟପୁଷ୍ଟ ଓ ବଳିଷ୍ଠ ହୋଇ ନବଜୀବନଲାଭ କରିବ ।।

ମୂଲ୍ୟ ପ୍ରତି ଶିଶି ଟ ୨ ଭି ପି ପ୍ୟାକିଂ ଟ ୦/ ଅଣା ଡାକମାସୁଲ ଟ ୦। ଅଣା

ଭାରତର ଏକମାତ୍ର ଏଜେଣ୍ଟ ।
ଯେ, ପି, ରାୟ
ନଂ ୪୫ ମିର୍ ଲେବୁତଲା ଲେନ
କଲିକତା ।

## ସଂଗୀତସାର

ନୂତନ ନୂତନ ନୂତନ
ମୁଦ୍ରିତ ଉତ୍କଳ ସଙ୍ଗୀତ ପୁସ୍ତକ
ସଙ୍ଗୀତ ସଂଖ୍ୟା ଶତାଧିକ ।
ମୂଲ୍ୟ ଟ ୦ ।/ ଛଅଣା ମାତ୍ର ।

ଓଡ଼ିଆ ସଙ୍ଗୀତମାନଙ୍କର କେତେକ ସାର ସଙ୍ଗୃହୀତ ହୋଇ ଏହି ନୂତନ ପୁସ୍ତକ ମୁଦ୍ରିତ ହୋଇଅଛି । ଏଥିରେ ନାନାପ୍ରକାର ସୁରର ଦକ୍ଷିଣୀ ଓ ଝୁଲଣ ସଙ୍ଗୀତ ସବୁ ସନ୍ନିବେଶିତ ହୋଇଅଛି । କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।


ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦ ⁄ |
| ଅର୍ଦ୍ଧସ୍ତମ୍ଭ | ଟ [illegible] |
| ପୂର୍ଣ୍ଣ ଏକ ସ୍ତମ୍ଭ | ଟ [illegible] |

ମାତ୍ର କୌଣସି ବିଜ୍ଞାପନ ସେତେ କ୍ଷୁଦ୍ର ହେଲେ ତହିଁର ଖର୍ଚ୍ଚ ଟ ୦ ୮ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥର ଅର୍ଦ୍ଧ ଓ ଚତୁର୍ଥାଂଶ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପକମାନଙ୍କୁ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ଅବର କଟକ ପଦ୍ମାବତୀ ଘାଟ; କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter


# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭାଗ ୨୯ ଖ । ସଂଖ୍ୟା ୪୯ ଖ । କଟକ ୨୨ ଶେ ଡିସେମ୍ବର ସନ ୧୮୯୪ ମସିହା । ମା ୧ ଲୌଷ ବ ୧୩୦୨ ସାଲ ଶନିବାର । ଅଗ୍ରିମ ବାର୍ଷିକ ମୂଲ୍ୟ ୨ ୭୯ । ପଶ୍ଚାଦେୟ ୬୭୯


ଲର୍ଡ ସାଣ୍ଡହର୍ଷ୍ଟ ମହୋଦୟ ବୋମ୍ବାଇର ଲାଟ ଗବର୍ଣ୍ଣର ପଦରେ ନିଯୁକ୍ତ ହୋଇ ଥିବାର ସମ୍ବାଦ ମିଳଇ । ଏ ମହାଶୟ ଭାରତର ଭୂତପୂର୍ବ ସେନାପତି ସର ଉଇଲିୟମ ମାନ୍ସଫିଲ୍ଡଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି । ଏହାଙ୍କ ଜନ୍ମ ସନ ୧୮୫୫ ମସିହାରେ ହୋଇଥିଲା ଏବଂ ବିବାହ ସନ ୧୮୮୯ ମସିହାରେ ହୋଇଥିଲା । ଏହାଙ୍କର କୌଣସି ସନ୍ତାନ ସନ୍ତତି ନାହିଁ ।

———

ଲାହୋର ଠାରେ ହୋଇଥିବା ଦରବାର ଉପଲକ୍ଷରେ ସେଠାରେ ପ୍ରକାଣ୍ଡ ପରେଡ ହୋଇ ଯାଇ ଅଛି । ଏଥିରେ ଅନ୍ୟୂନ ଅଷ୍ଟାଦଶ ସହସ୍ର ସେନା ଯୋଗ ଦେଇଥିଲେ । ପଟିଆଳା, ଝିନ୍ଦ, ବାହାବଲପୁର, ନାଭ ଓ କପୁରଥାଲାର ଦେଶୀୟ ସେନା ମଧ୍ୟ ଯୋଗଦେଇ ଥିଲେ ଏବଂ ପଟିୟାଲାର ସେନାଙ୍କୁ ସ୍ୱୟଂ ପଟିୟାଲାର ମହାରାଜା ନାୟକ ହୋଇ ଚଳାଇ ଥିଲେ । ଏ ଦୃଶ୍ୟ ଦେଖିବାକୁ ଯେମନ୍ତ ସୁନ୍ଦର ହୋଇଥିଲା ସେମନ୍ତ ମହାରାଜାଙ୍କ ସୈନିକ ଶିକ୍ଷା ସର୍ବତୋଭାବେ ପ୍ରଶଂସନୀୟ ହୋଇଥିଲା ।

———

ରିଷଡ଼ାସ୍ଥ ଉଏଲିଙ୍ଗଟନ ଜୁଟମିଲରେ କାର୍ଯ୍ୟ କରୁଥିବା ଜଣେ କୁଲି ତତ୍ର କାର୍ଯ୍ୟାଳୟର ସାହେବ ଅଧ୍ୟକ୍ଷର ଆଘାତଦ୍ୱାରା ମୃତ ହୋଇଥିବାର କଥିତ ହେବାରୁ ଶ୍ରୀରାମପୁର ଜୟେଣ୍ଟମାଜିଷ୍ଟ୍ରେଟଙ୍କ ଦରବାରରେ ପ୍ରକାଶ ପାଇଲା ଯେ ପ୍ରମାଣ ଅଭାବହେତୁ ଅପରାଧୀକୁ ଦୋଷମୁକ୍ତ କରାଯାଇ ନ ପାରନ୍ତି । କଲିକତା ସମ୍ବାଦପତ୍ରିକାମାନଙ୍କରେ ପ୍ରକାଶ ହୋଇଅଛି ଯେ, ବର୍ଦ୍ଧମାନର ବିଭାଗୀୟ କମିଶ୍ନର ମିଃ ଆର, ସି, ଦତ୍ତ ଉକ୍ତ ତଦନ୍ତରେ ସନ୍ତୁଷ୍ଟ ନ ହୋଇ ପୁନର୍ବାର ତଦନ୍ତ କରିବା ନିମନ୍ତେ ଆଦେଶ ପ୍ରଦାନ କରିଅଛନ୍ତି । ଏହି ସମ୍ବାଦ ଯଦ୍ୟପି ସତ୍ୟ ହୋଇଥାଏ, ତେବେ ଦତ୍ତସାହେବଙ୍କର ମନର ବଳକୁ ପ୍ରଶଂସା କରିବାକୁ ହେବ । କର୍ତ୍ତବ୍ୟକାର୍ଯ୍ୟରେ ଜନ [illegible] ଭୟ ନ ରଖି ସତ୍ୟପରାୟଣ ହୋଇ କାର୍ଯ୍ୟ କଲେ ସର୍ବଦ୍ୱାରେ ଅବଶ୍ୟ ପ୍ରଶଂସାଭାଜନ ହେବ ।

———

ବାଲେଶ୍ୱରଜିଲ୍ଲା ସ୍କୁଲର ପୁରସ୍କାର ବିତରଣ ଗତ ନବମ୍ବରମାସ ତା ୨୯ ରିଖ ଦିବସ ହୋଇଥିଲା । ତତ୍ରସ୍ଥ ମାନନୀୟ କଲେକ୍ଟର ଶ୍ରୀଯୁକ୍ତ କଟ୍ରେ ସାହେବ ସଭାପତିପଦ ଗ୍ରହଣ କରିଥିଲେ । ସରକାରଙ୍କଦ୍ୱାର ପ୍ରଦତ୍ତ ପୁରସ୍କାର ବ୍ୟତୀତ ବାଲେଶ୍ୱରର ପ୍ରଧାନ ଶିକ୍ଷୋତ୍ସାହୀ ଧନୀମାନେ ପୁରସ୍କାର ପ୍ରଦାନକରି ବାଳକମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ । ରାଜା ବୈକୁଣ୍ଠନାଥଦେ ବାହାଦୂର ଟ ୧୦୯ ଙ୍କା ବାବୁ ସରେନ୍ଦ୍ରନାଥଦେ ଟ ୧୦ ଙ୍କା ବାବୁ ସଜନୀକାନ୍ତ ଦାସ ଟ ୧୦ ଙ୍କା ବାବୁ ସୁଧାଚରଣ ଦାସ ଟ ୮ ଙ୍କା ଭୂୟାଁ ଅବଦୁଲସୋଭାନଖାଁ ଟ ୫ ଙ୍କା ଓ ରାୟ ଗୋବିନ୍ଦଚନ୍ଦ୍ର ବସୁ ମହାଶୟ ବାହାଦୂର ଟ ୨୦ ଙ୍କା ମୂଲ୍ୟର ପୁସ୍ତକ ପ୍ରଦାନ କରିଥିଲେ । ହେଡ୍‌ମାଷ୍ଟରଙ୍କ ପଠିତ ବାର୍ଷିକ ବିବରଣୀରୁ ସ୍କୁଲର ଅବସ୍ଥା ଉତ୍ତମ ଥିବାର ପ୍ରକାଶ ପାଇଥିଲା କେବଳ ବ୍ୟାୟାମଶିକ୍ଷା ନିମନ୍ତେ ଉପଯୁକ୍ତ ସ୍ଥାନ ନ ଥିବାରୁ ଦୁଃଖ ପ୍ରକାଶ କରା ହୋଇଥିଲା । କିନ୍ତୁ ଯାହା ହେଉ ଏ ଅଭାବ ମୋଚନାର୍ଥେ ଚେଷ୍ଟିତ ହେବାନିମନ୍ତେ ଉପସ୍ଥିତ ଭଦ୍ରମଣ୍ଡଳୀ ଆଶା ଦେଇ ଅଛନ୍ତି ।

——o——

ବମ୍ବେଇବାସିଙ୍କପରି ଉତ୍ତରପଶ୍ଚିମ ପ୍ରଦେଶର ଲୋକମାନେ ଯୌଥ କାରବାରରେ ଅଗ୍ରସର ହେବା ବଡ଼ ଆନନ୍ଦର ବିଷୟ ଅଟେ । ମିରଟରେ ସାବୁନ ପ୍ରସ୍ତୁତ ନିମନ୍ତେ ଏକ କମ୍ପାନି ସ୍ଥାପିତ ହୋଇ ଠିକ ବିଲାତ ପରି ଉତ୍କୃଷ୍ଟ ସାବୁନ ଅଳ୍ପଦରରେ ବିକ୍ରୟ କରିବାକୁ ସମର୍ଥ ହୋଇ ପ୍ରଶଂସାଭାଜନ ହୋଇ ଅଛି ପୁଣି ଆଗ୍ରା ଠାରେ ଏକ ଚର୍ମକାରକମ୍ପାନି ସ୍ଥାପିତ ହୋଇ ଯୋତା, ବଗି ଓ ଘୋଡ଼ା ସାଜମାନ ଏମନ୍ତ ଉତ୍କୃଷ୍ଟ ପ୍ରକାର ପ୍ରସ୍ତୁତ କରୁଅଛି ଯେ ବିଲାତ ଦ୍ରବ୍ୟଠାରୁ ବାରି ହେଉ ନାହିଁ ଏହି ଦୁଇ କମ୍ପାନିର କାର୍ଯ୍ୟ କ୍ରମଗତ ବିସ୍ତାର ହେଉ ଅଛି । ବଙ୍ଗଳାରେ ଗୋଟିଏ ଦିଆସିଲାଇ ଓ ଗୋଟିଏ କାଚ ଦ୍ରବ୍ୟ ପ୍ରସ୍ତୁତ କରିବା କାରଖାନା ବର୍ଷାଧିକ ହେଲା ଫିଟି ଅଛି ମାତ୍ର ଏପର୍ଯ୍ୟନ୍ତ ସଫଳ ହେବାର ଶୁଣାଯାଇ ନାହିଁ । ବଙ୍ଗାଳୀମାନେ ଯେମନ୍ତ ବିଦ୍ୟା ବୁଦ୍ଧିରେ ସରସ, ବ୍ୟବସାୟରେ ସେମନ୍ତ ହୋଇ ନ ପାରନ୍ତି

Digitized by srujanika@gmail.com

Split by PDF Splitter



ବଡ଼ ଦୁଃଖର ବିଷୟ ଅଟେ । ଅନୁମାନ ହୁଏ ନ ଘାଟ ବୃଦ୍ଧି ହେଉ ଏମାନେ ବିପଦରେ ପଡ଼ି ଅଛନ୍ତି ।

— ୦*୦ —

ପଞ୍ଜାବର ବିଶ୍ୱବିଦ୍ୟାଳୟ ଏକ ସଭା କରି ମହାମାନ୍ୟ ଗବର୍ଣ୍ଣର ଜେନେରେଲ ଲର୍ଡ ଏଲଗିନ ବାହାଦୁରଙ୍କ ସମ୍ମାନାର୍ଥ ଡିଗ୍ରୀ ଉପାଧି ପ୍ରଦାନ କରି ଥିଲେ । ସେହି ସଭାରେ ମହାମାନ୍ୟ ମହୋଦୟ ଯେଉଁ ବକ୍ତୃତା କରିଥିଲେ ତହିଁରେ ଉଚ୍ଚ ଶିକ୍ଷା ବିଷୟରେ କହିଥିଲେ କି ଆମ୍ଭେ ସ୍ୱୀକାର କରୁଁ ଯେ ବଡ଼ ଲୋକ ହେଉ ଅଥବା ଗରିବ ହେଉ ପରମେଶ୍ୱର ସମସ୍ତ ମନୁଷ୍ୟଙ୍କୁ ଏକ ପ୍ରକାର ମାନସିକ ବୃତ୍ତିମାନ ପ୍ରଦାନ କରି ଅଛନ୍ତି ଏବଂ ସେହି ସବୁ ବୃତ୍ତିର ନ୍ୟାୟିକ ଉତ୍କର୍ଷତା ବିଦ୍ୟା ଶିକ୍ଷା ଦ୍ୱାରା ସମ୍ପାଦିତ ହୋଇ ପାରେ । ଅତଏବ ଯଦ୍ଦ୍ୱାରା ଗରିବ ଲୋକର ବିଦ୍ୟା ଶିକ୍ଷା ପ୍ରାପ୍ତିରେ ଅସୁବିଧା ହେବ ସେପରି କାର୍ଯ୍ୟରେ ଆମ୍ଭେ ହାତ ଦେବାକୁ ସ୍ୱୀକାର କରି ନ ପାରୁଁ । କେହି କହିବେ ଯେ ଗରିବ ଲୋକଙ୍କୁ ବ୍ୟବସାୟ ବା ଶିଳ୍ପକାର୍ଯ୍ୟ ବିଶେଷ ଶିକ୍ଷା ଦେବାର ଯଥେଷ୍ଟ ଅଟେ । ମାତ୍ର ଆମ୍ଭେ ତହିଁରେ ଐକ୍ୟ ନୋହୁଁ । ଶିଳ୍ପଶିକ୍ଷା କେବଳ ଅଙ୍ଗ ଓ ହାତର ଶିକ୍ଷା ମନର ଶିକ୍ଷା ନୁହେ । ମାନସିକ ଉତ୍କର୍ଷତା ଭିନ୍ନ ମନୁଷ୍ୟତା ଲାଭ ହୋଇ ନ ପାରେ । ମହାମାନ୍ୟ ଲର୍ଡ ଏଲଗିନ ବାହାଦୁରଙ୍କର ଏହି ମହାବାକ୍ୟ ଅତ୍ୟନ୍ତ ଉଦାର ଏବଂ ଯୁକ୍ତି ସଙ୍ଗତ ଅଟେ ଏବଂ ଏହା ଶୁଣି ମନରେ ବଡ଼ ଆଶା ହେଉଅଛି ଯେ ତାହାଙ୍କ ଶାସନ କାଳରେ ଉଚ୍ଚଶିକ୍ଷାର ବ୍ୟାଘାତ ନ ଘଟି ଉନ୍ନତି ହେବ ଯେଉଁ ଶାସନ ବର୍ତ୍ତମାନ ଉଚ୍ଚଶିକ୍ଷାର ଶତ୍ରୁ ପକ୍ଷରେ ମନୋଯୋଗୀ ସେମାନେ ଉପର ଲିଖିତ ମହାବାକ୍ୟରୁ ଅବଶ୍ୟ ସୁଶିକ୍ଷା ପାଇବେ ।

———

ଜାପାନ ଓ ଚୀନ ରାଜ୍ୟର ଯୁଦ୍ଧ ସମ୍ବନ୍ଧରେ ଆଜି କୌଣସି ବିଶେଷ ସମ୍ବାଦ ପାଆଯାଇ ନାହିଁ । ପେକିନ ସହର ଆକ୍ରମଣ କରିବା ଜାପାନର ବର୍ତ୍ତମାନ ଉଦ୍ଦେଶ୍ୟ ଥିବାର କଥିତ ହୁଏ ଏବଂ ଚୀନରାଜା ପେକିନ ତ୍ୟାଗକରି ପଳାଇବେ ବୋଲି ଜନରବ ଶୁଣାଯାଉ ଅଛି । ମଙ୍ଗଳ ଜାମନ ପଦନ୍ତ ନଗରକୁ ଜାପାନମାନେ ଆକ୍ରମଣ କରି ସେଠା ନଗରରେ ଗଚ୍ଛିତ ଥିବା ଅସଂଖ୍ୟ ମୁଦ୍ରା ଲୁଣ୍ଠନ କରିବାର ସମ୍ବାଦ ଥାଇ ଚୀନ ସହଜ ତାହା ଅନ୍ୟତ୍ର ନେଇ ଥିବାର କଥିତ ହୁଏ । ପେକିନ ନଗରରେ ବର୍ତ୍ତମାନ ଗଣ୍ଡଗୋଳ ଉପସ୍ଥିତ ହୋଇ ଅଛି ଏବଂ ଉହାଙ୍କର ବାଣିଜ୍ୟ-ସମ୍ପତ୍ତିର ଗୁପ୍ତ ରକ୍ଷା କରିବା କାରଣ ସେଠାର ଅଧ୍ୟକ୍ଷ ଇଂରାଜୀୟ ସେନା ସାହାଯ୍ୟ ଚାହିଁ ଅଛନ୍ତି । ସନ୍ଧିର ପ୍ରସ୍ତାବ ଅବଶ୍ୟ ଚଳୁ ଥିବାର ଶୁଣାଯାଇ ନାହିଁ । ଆମେ ଜାପାନୀମାନେ ଅନେକ ମୁଦ୍ରା ଦାବି କରୁ ଥିବାର ସମ୍ବାଦ ମିଳୁଥିଲା ବର୍ତ୍ତମାନ ଶୁଣାଯାଏ ଯେ ଜାପାନୀ ଲୋକଙ୍କ ଧରିବା କାରଣ ଯେଉଁ ଚୀନ-କର୍ମଚାରୀମାନେ ପୁରସ୍କାର ଯାଚିଥିଲେ ସେମାନଙ୍କୁ ଚୀନ-ସ୍ୱର ଜାପାନଙ୍କ ହାତରେ ନ୍ୟସ୍ତ କରିବାର ମଧ୍ୟ ଜାପାନ ଦାବି କରୁଅଛି ।—ଜାପାନ ଯୁଦ୍ଧରେ ଜୟଲାଭ କରି ଉନ୍ମତ୍ତ ହୋଇ ଅଛି ଏବଂ ସନ୍ଧିର ଆଶା ବଡ଼ ଅଳ୍ପ ।

ଏଥି ଭିତ୍ତିରୁ ସମ୍ବାଦ ମିଳଇ ଯେ ଜାପାନ ମାଞ୍ଚୁରିଅର ମାଇ ମଟେ । ନଗରକୁ ଆକ୍ରମଣ କରି ଯୁଦ୍ଧରେ ଜୟଲାଭ ପୂର୍ବକ ସେ ନଗର ଅଧିକାର କରିଅଛି । ଚୀନାମାନେ ଶହ ଶହ ଲୋକ ହରାଇ ପଳାଇ ଗଲେ । ଏଥିଉତ୍ତାରୁ ଜାପାନମାନେ ଫୁତୁ ନଗର ଅବରୋଧରେ ହଲେ କରିଅଛନ୍ତି ।

———

ଗତ ଗୁରୁବାର ଦିବସ ଏଠା ଷ୍ଟିମ ନାଭିଗେସନ କୋମ୍ପାନିର ଗଣେଶା ବୋଟରେ ପାସେଞ୍ଜରମାନେ ଆରୋହଣ କରିବା ସମୟରେ ଜଣେ ବୃଦ୍ଧ ଲୋକ ପଡ଼ି ଯିବାରୁ ତାହାର ଗୋଡ଼ ଭାଙ୍ଗିଗଲା ଭାଗ୍ୟକୁ ସେହି ସମୟରେ ଏଠା ଅଃ ସର୍ଜନ ବାବୁ ଅବିନାଶଚନ୍ଦ୍ର ଘୋଷ ଉପସ୍ଥିତ ଥିଲେ । ଡାକ୍ତର ବାବୁ ଧର୍ମାନନ୍ଦପାତ୍ର ମାତ୍ରକେ ସେଠାରେ ଉପସ୍ଥିତ ହୋଇ ଛଟା ଓ ଲକ୍ଷ୍ମି ଏବଂ ଗାମୁଛା ଦ୍ୱାରା ଭାଙ୍ଗ ଗୋଡ଼କୁ ସଜଡ଼ କରିଦେଲେ ଓ ଚିକିତ୍ସାର୍ଥ ତାକୁ ଜେନେରେଲ ହସପିଟାଲକୁ ପଠାଇ ଦେଲେ । ସେ ବୃଦ୍ଧ ଲୋକଟିର ଏପରି ହଠାତ୍ ବିପଦ ହେବାର କାରଣ କୋମ୍ପାନିର ଅସାବଧାନତା କହିଲେ ଅତ୍ୟୁକ୍ତି ହେବ ନାହିଁ । ବୋଟ ଛାଡ଼ିବାର କିଛି କ୍ଷଣ ପୂର୍ବ ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ବୋଟ ମଧ୍ୟକୁ ଛାଡ଼ି ଦିଆଯାଏ ନାହିଁ । ବୋଟ ଭିତରକୁ ଯିବା ଦ୍ୱାରମୁଖ ପାଖରେ ଘାଟକୁ ଲଗାଇ ଏକଫୁଟ ଚଉଡ଼ାର ଗୋଟିଏ ଲମ୍ବପଟା ଥାଏ । ଯାତ୍ରୀମାନେ ଘାଟ ତଟରେ ଏକତ୍ରିତ ହୋଇ ବସିଥାଆନ୍ତି । ଷ୍ଟିମାର ଛାଡ଼ିବାର ମି ୫ ବା ୧୦ ମିନଟ ପୂର୍ବରୁ ଷ୍ଟିମାର ଖୋଲ ହୁଏ । ତହୁଁ ଯାତ୍ରୀମାନେ ହୁଡ଼ା ହୁଡ଼ି ହୋଇ ପଶିବାକୁ ଚେଷ୍ଟା ପାଆନ୍ତି ସେହି ସମୟରେ କେହି କେହି ପଟାରୁ ଅବା ସନ୍ନିକଟରେ ଧକ୍କାରେ ପଡ଼ି ଯାଆନ୍ତି ବୃଦ୍ଧ ଲୋକଟିର ପାଳରେ ସେହିଠା ଘଟିଥିଲା । ଅବଶ୍ୟ ଯାତ୍ରୀମାନଙ୍କ ସାବଧାନତା ସହିତ କାର୍ଯ୍ୟ କରିବା ଉଚିତ । କିନ୍ତୁ ଯାତ୍ରୀମାନେ ପୂର୍ବରୁ ଆସି ସେଠାରେ ଜୁଣ୍ଡ ହୋଇଥିବା ସ୍ଥଳେ ଓ ପୂର୍ବରୁ ଟିକଟ କ୍ରୟ କରିଥିବା ସ୍ଥଳେ ଷ୍ଟିମାର ଭିତରକୁ ଯିବା ନ ଦେବା ଷ୍ଟିମାର କୋମ୍ପାନୀଙ୍କ ଦୋଷ ହେଉ ନାହିଁ କି ? ଷ୍ଟିମାର କୋମ୍ପାନିର ଏଜେଣ୍ଟ ସେଠାରେ ଉପସ୍ଥିତ ଥିଲେ ସୁଦ୍ଧା ଏପରି ଦୁର୍ଘଟଣାର ପ୍ରତିକାର କରୁ ନେଇ ନ ଥିଲେ । ବଡ଼ ଆକ୍ଷେପର ବିଷୟ କୋମ୍ପାନି ସୁବିଧା କରିବାକୁ ଯାଇ ଏଭଳି ଅନର୍ଥର କାରଣ ରଖିଅଛନ୍ତି । ଆମ୍ଭେମାନେ ଆଶା କରୁଁ କୋମ୍ପାନି ଭବିଷ୍ୟତରେ ଏହାର ଉଚିତ ବନ୍ଦୋବସ୍ତ କରିବେ ।

———

### ବାବୁ ଜଗନ୍ମୋହନ ଲାଲଙ୍କ ସମ୍ମାନ ।

କଟକ କଲେକ୍ଟରୀ କଚେରୀର ଭୂତପୂର୍ବ ସେରସ୍ତାଦାର ବାବୁ ଜଗନ୍ମୋହନ ଲାଲ ପେନସନ ନେଇ କାର୍ଯ୍ୟରୁ ଅବସର ଗ୍ରହଣ କରିଥିବାରୁ ଗତ ରବିବାର ସନ୍ଧ୍ୟା ସମୟରେ ଏଠା କଲେକ୍ଟରୀ ଅମଲାମାନେ ଏକତ୍ରିତ ହୋଇ ସହରର ଅନ୍ୟାନ୍ୟ ମାନ୍ୟ ଗଣ୍ୟ ଲୋକଙ୍କ ସହ ତାଙ୍କୁ ବିଦାୟ ଭୋଜ ପ୍ରଦାନ କରିଥିଲେ । ଓଡ଼ିଶାର ଉପଯୁକ୍ତ ଲୋକଙ୍କୁ ଆଦର ଓ ସମୁଚିତ ସମ୍ମାନ ପ୍ରଦର୍ଶନ କରିବାକୁ ଓଡ଼ିଆଏ ଶିକ୍ଷା ଲାଭ କରିଅଛନ୍ତି ଏହା ଏହି ମେଳନରୁ ସ୍ପଷ୍ଟ ପ୍ରକାଶ ପାଉଅଛି । ଲାଲ ସାହେବଙ୍କ ବୟଃକ୍ରମ ୬୦ ବର୍ଷ ହେବାରୁ କାର୍ଯ୍ୟରୁ ଅବସର ଗ୍ରହଣ କରିବା ଉଚିତ ଜ୍ଞାନ କରିବା ଏବଂ ଅଧିକ ଦିନ ସରକାରୀ କାର୍ଯ୍ୟରେ ରହିବାକୁ ଇଚ୍ଛା ପ୍ରକାଶ ନ କରିବାରୁ ଗତ ନବେମ୍ବରମାସ ତା ୨୮ ରିଖ ତାଙ୍କର କାର୍ଯ୍ୟର ଶେଷ ଦିବସରେ ସେ ସରକାରଙ୍କଠାରୁ ବିଦାୟ ଗ୍ରହଣ କଲେ । ସରକାରୀ କାର୍ଯ୍ୟରେ ଥାଇ କାର୍ଯ୍ୟ ସୁଶୃଙ୍ଖଳରୂପେ ସମ୍ପନ୍ନ କରିଥିବା ଓ ଅଧୀନସ୍ଥ ଅମଲାମାନଙ୍କୁ ଭାଇ ତୁଲ୍ୟ ଜ୍ଞାନ କରିଥିବାରୁ ସେମାନେ ତାଙ୍କର ବ୍ୟବହାରରେ ପ୍ରୀତ ହୋଇ ତାଙ୍କ ବିଚ୍ଛେଦରୁ ହରାଇଥିବାରେ ଅତିଶୟ ସନ୍ତପ୍ତ ହେବାରୁ ଆପଣାର ମନୋଭାବ ଜ୍ଞାପନ କରଣାର୍ଥ ସାଧାରଣ ସ୍ଥଳରେ ଏକସ୍ଥାନରେ ସମବେତ ହୋଇ ତାଙ୍କର ବନ୍ଧୁ ବାନ୍ଧବଙ୍କ ସମକ୍ଷରେ ହୃଦୟଦ୍ୱାର ଉଦ୍ଘାଟନ କରିବାକୁ ପ୍ରସ୍ତୁତ ହେଇ କଟକସ୍ଥ

Digitized by srujanika@gmail.com

Split by PDF Splitter



ବିଖ୍ୟାତ ମିର୍ ଜାଫର ଅଲିଙ୍କ କୋଠାରେ ଏକତ୍ରିତ ହୋଇଥିଲେ । ସନ୍ଧ୍ୟା ସମୟରୁ ସମସ୍ତ କଟେଶ୍ୱରୀ ଭାଇ ଓ ଅନ୍ୟାନ୍ୟ ବନ୍ଧୁମାନେ ଏକତ୍ରିତ ହେଲେ ୬ ଘ ୮ ଟଙ୍କା ସମୟକୁ ସଭା ଜନମଣ୍ଡଳୀରେ ପୂର୍ଣ୍ଣ ହୋଇଗଲା । ସଭାସ୍ଥଳରେ ଆମୋଦ ପ୍ରମୋଦର ଯଥା ବିହିତ ଉଦ୍ୟୋଗ ହୋଇଥିଲା । ଲାଲ ସାହେବଙ୍କ ଆଗମନାନ୍ତେ ବିଶୁଦ୍ଧ ନୃତ୍ୟ ଗୀତ ପରେ ପାନ ଅତର ଓ ପୁଷ୍ପମାଳା ପ୍ରଦାନଦ୍ୱାରା ସଭାର କାର୍ଯ୍ୟ ଆରମ୍ଭ ହୋଇ ନିମ୍ନଲିଖିତ ଗୀତଦ୍ୱାରା ସଭା ଭଙ୍ଗ କରା ହୋଇଥିଲା ।

ସ୍ୱାଗିଣୀ ଖମ୍ବାଜ । ତାଳ ଏକତାଳୀ ।

ଗାଅହେ ସର୍ବେ ବନ୍ଧୁଗଣ ଶୋକସାଗରେ ଭାସି
ବିଦାୟ ଦେବେ ଜଗତମୋହନ ବନ୍ଧୁଗଣ ସମ୍ପ୍ରୀତି,
ଜଗତେ ଜନମି ସୁଖ ଦୁଃଖ କେତେ,
ଲଗିଛି ଏହି ସଂସାରେ ।
ଗୁଣିଜନ ଯହିଁ ଗୁଣ ସମାଦର
ସେହି ସାର ଏ ସଂସାରେ ।୧।
ଦେଶ ହିତକାର୍ଯ୍ୟ ସାର ଯେଉଁ ସ୍ଥଳେ,
ବିଦା ହେଲେ ସଂକ୍ଷୋଭରୁ
ଗାଅ ତାଙ୍କ ଗୁଣ ଅତି ସମାଦରେ
ସତ୍ୟନିଷ୍ଠ ସେ ଶିକ୍ଷାଗୁରୁ ।୨।

ତଦନନ୍ତର ବାବୁ ଦୁର୍ଗାଚରଣ ଦାସ ଆମଲା-ଭାଇଙ୍କ ମନର ଅବସ୍ଥା ଜଣାଇବା ନିମନ୍ତେ ଦଣ୍ଡାୟମାନ ହୋଇ ଭାଇମାନଙ୍କର ମିଳନର କାରଣ ଅର୍ଥାତ୍ ବାବୁ ଜଗନ୍ମୋହନ ଲାଲଙ୍କୁ ଶ୍ରଦ୍ଧା ଓ ସ୍ନେହର ଚିହ୍ନ ସ୍ୱରୂପ ଏଠାରେ ଏକତ୍ରିତ ହୋଇଥିବାର ଓ ଅମ୍ଭମାନଙ୍କର ଓ ଆମଲାମାନ-ଙ୍କର ଏକତ୍ର ସମାବେଶ ସେଥିର ପରିଚାୟକ ଥିବାର ପ୍ରକାଶ କରିଥିଲେ । ତହୁଁ ବାବୁ ଗୋପାଳବଲ୍ଲଭ ଦାସ ଲାଲ ସାହେବଙ୍କ ଅବସର ଗ୍ରହଣରେ ଗୋଟିଏ ଉପଯୁକ୍ତ ପ୍ରବୀଣ ପାରଦର୍ଶୀ ହିରସ୍ତାଦାରଙ୍କୁ ହରାଇବାକୁ ପଡିବା ହେତୁ ଦୁଃଖ ପ୍ରକାଶ କରିଥିଲେ ଓ ସେ ଜଣେ ତାଙ୍କ ସମୟର ଲୋକମାନଙ୍କ ମଧ୍ୟରେ ସାଧାରଣ କାର୍ଯ୍ୟର ପଥପ୍ରଦର୍ଶକ ଥିବାର କହିଲେ । ଓଡିଆ ପାଠ୍ୟପୁସ୍ତକର ଅଭାବ ସମୟରେ ଭ୍ରମ-ଭଞ୍ଜନ ପୁସ୍ତକ ରଚନା କରି ଓଡିଶାର ଗୌରବ ବୃଦ୍ଧି କରିଥିବା ଓ ନାଟକପ୍ରଣୟନରେ ସେ ପ୍ରଥମ ଥିବାର ବ୍ୟକ୍ତ କଲେ ଏବଂ କହିଲେ ଯେ ତାହା ବାବାଜି ନାଟକ ପରିଚୟ ଦେଉଅଛି ତତ୍ପରେ ବାବୁ ରାମଶଙ୍କର ରାୟ ସରକାରୀ କର୍ମ ସମ୍ବନ୍ଧରେ କଥା ତ୍ୟାଗ କରି କହିଥିଲେ ଯେ ତାଙ୍କର ଏକ ଗୁଣ ସବୁଠାରେ ଧ୍ୱନିତ ହୋଇଥିଲା ଓ ସେଥିପାଇଁ ସେ ବିଶେଷ ଧନ୍ୟ-ବାଦର ପାତ୍ର ହୋଇଥିଲେ ଓ ସମସ୍ତଙ୍କ ମୁଖରେ ତାଙ୍କର ଭୂରି ଭୂରି ପ୍ରଶଂସା ଶୁଣାଯାଏ । ସରକାରୀ କାର୍ଯ୍ୟରେ ଆଉ ଉତ୍କୋଚ ଗ୍ରହଣ ନ କରି ଧୀରଭାବରେ କାର୍ଯ୍ୟ କରିବା ତାଙ୍କର ପ୍ରଧାନ ଗୁଣ ଥିଲା ଏବଂ ସରକାରଙ୍କର କ୍ଷତି ନ କରି ସମସ୍ତଙ୍କୁ ସମୟାନୁସାରେ କାର୍ଯ୍ୟ ଦେବାରେ ସମସ୍ତେ ଆନନ୍ଦିତ ଥିଲେ । ମୁନସି ଏକରାମଅଲି ମୋକ୍ତାରର ଲୋକେ ଶ୍ରଦ୍ଧା ବାବୁ ମହାଶୟଙ୍କୁ ସରକାରୀ କର୍ମରୁ ହରାଇ ତାହା ଧ୍ୱନି କରୁଥି-ବାର ବ୍ୟକ୍ତ କରିଥିଲେ ।

ଏତଦୁତ୍ତରରେ ଲାଲ ଜଗନ୍ମୋହନ ଲାଲ ପୁଷ୍ପମାଳରେ ଆବୃତ ଥାଇ ଗାତ୍ରୋତ୍ଥାନ ପୂର୍ବ-କ ବନ୍ଧୁମାନଙ୍କର ବ୍ୟଥାରେ ବ୍ୟଥିତ ଥିବାର ପ୍ରକାଶ କଲେ ଓ ସେ ଏତେ ସମ୍ମାନର ଯୋଗ୍ୟ ବୋଲି କେବେ ମନେ ସ୍ଥିରା କରି ନ ଥିଲେ । ତାଙ୍କର କାର୍ଯ୍ୟରେ ସାଧାରଣ ପ୍ରୀତ ଥିବାର ଜ୍ଞାତ ହୋଇ ସେ ଆପଣାକୁ ଧନ୍ୟ ମଣିଥିଲେ ଓ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ସେ କହିଲେ ଯେ ସରକାରୀ କାର୍ଯ୍ୟରେ ଥାଇ ସେ କେବଳ କର୍ତ୍ତବ୍ୟକାର୍ଯ୍ୟ କରି ଅଛନ୍ତି ଏବଂ ସାଧାରଣ ପ୍ରୀତ ଥିବା କେବଳ ସାଧାରଣଙ୍କର ଅନୁଗ୍ରହ । ଉତ୍ତରଦେଲାବେଳେ ତହିଁର କାର-ଖାନାମାନରେ ଛପି ନ ଇହ ବ ହାର ପଡିବା ସମ-ୟରେ ସମସ୍ତେ ଉପରୋକ୍ତ ବିଷୟ ଉଲ୍ଲେଖ କରି-ବା ନିମିତ୍ତ ସ୍ମାରକ ଥିବାର ଆଶ୍ୱାସନା ଦେଇ ଥିଲେ । ତଦୁତ୍ତରେ ଲାଲ ସାହେବଙ୍କୁ ଓ ଆମ-ଲଣକାରମାନଙ୍କୁ ବାବୁ ନାରାୟଣ ପ୍ରସାଦମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ସର୍ବଶେଷରେ ହରିନାମର କୀର୍ତ୍ତନ ହେଲା ଉତ୍ତାରେ ଭୋଜନ ସମ୍ପନ୍ନ କରି ସମସ୍ତେ ବିଦାୟ ଗ୍ରହଣ କଲେ ।

ଉପରୋକ୍ତ କାର୍ଯ୍ୟାବଳିରୁ ଜଣାଗଲା ଓଡି-ଶାରେ ଶୁଭଦିନ ଉପସ୍ଥିତ ହୋଇଅଛି ଓଡିଶା-ର ଶିକ୍ଷିତ କର୍ମଚାରୀମାନେ ଉପଯୁକ୍ତ ଲୋକର ଆଦର କରିବାକୁ ଶିକ୍ଷାଲାଭ କରି ଅଛନ୍ତି । ବାସ୍ତବରେ ସରକାରୀ କଟେଶ୍ୱରେ ଆଉ ଅଳ୍ପ ଲୋକେ ଲାଲ ସାହେବଙ୍କ ପ୍ରାୟ ପ୍ରଶଂସା ପେନ୍-ସିବାର ଦେଖାଯାଇ ଅଛି । ଅମ୍ଭେମାନେ ଆଶା-କରୁଁ ସମସ୍ତ ସରକାରୀ କର୍ମଚାରୀମାନେ ତାଙ୍କ ଆଦର୍ଶକରି ସତ୍ୟନିଷ୍ଠ ଶିକ୍ଷା ଗୁରୁଙ୍କଦ୍ୱାରା ଶିକ୍ଷିତ ହୋଇ ବିଦାୟବେଳେ ଏହି ସ୍ନେହପର ପ୍ରଶଂସା ଅର୍ଜିବାକୁ ଚେଷ୍ଟା କରିବେ ଓ ପରସ୍ପର ସୌହାର୍ଦ୍ଦ୍ୟ ସଂସ୍ଥାପନ ପୂର୍ବକ ସାଧାରଣ କାର୍ଯ୍ୟ-ରେ ସମବେତ ହେବା ନିମନ୍ତେ କୁଣ୍ଠିତ ହେବେ ନାହିଁ ।

ସୌହାର୍ଦ୍ଦ୍ୟ ସ୍ଥାପନ ପୂର୍ବକ ସାଧାରଣ
କାର୍ଯ୍ୟରେ ସମବେତ ହେବା ନିମନ୍ତେ
କୁଣ୍ଠିତ ହେବେ ନାହିଁ

---

ବଙ୍ଗଦେଶର ଶିକ୍ଷାବିଭାଗ ।

ବଙ୍ଗପ୍ରଦେଶର ଗତବର୍ଷର ଶିକ୍ଷାବିଭାଗର ବିବରଣସମ୍ବନ୍ଧରେ ମାନ୍ୟବର ବଙ୍ଗୀୟ ଲେପ୍ଟେ-ନାଣ୍ଟଙ୍କର ମନ୍ତବ୍ୟ ପ୍ରକାଶିତ ହୋଇଅଛି । ଲେପ୍ଟେନାଣ୍ଟ ମହୋଦୟ ରିପୋର୍ଟଲେଖକ ଶିକ୍ଷା-ବିଭାଗର ଡାଇରେକ୍ଟର ସର ଅଲଫ୍ରେଡ କ୍ରଫ୍ଟ ସାହେବଙ୍କର ବହୁତ ପ୍ରଶଂସା କରି ଲେଖି ଅଛନ୍ତି ଯେ ଏହି ରିପୋର୍ଟ ତହିଁ ପୂର୍ବ-ବର୍ଷର ରିପୋର୍ଟଠାରୁ ୨୩ ପୃଷ୍ଠା ଅଧିକ ହେଲେ ହେଁ ଏହା ଏମନ୍ତ ସାରବାନ୍ କଥାରେ ପରିପୂର୍ଣ୍ଣ ଯେ ତହିଁରୁ କୌଣସି କଥା କଟାଯା-ଇ ନ ପାରେ ଏବଂ ପ୍ରତ୍ୟେକ ବିଷୟରେ ସର କ୍ରଫ୍ଟ ମହାଶୟଙ୍କ ଗମ୍ଭୀର ଚିନ୍ତାଶୀଳ ମନ୍ତବ୍ୟ ଅତ୍ୟନ୍ତ ମୂଲ୍ୟବାନ୍ ଓ ଉପଦେଶପୂର୍ଣ୍ଣ ଅଟେ । ସେ ଅତ୍ୟନ୍ତ ଯୋଗ୍ୟତା ସହିତ ଶିକ୍ଷାବିଭାଗର କାର୍ଯ୍ୟ ନିର୍ବାହ କରି ଅସୀମ ଧନ୍ୟବାଦ ଲାଭ କରିଅଛନ୍ତି ।

ରିପୋର୍ଟରୁ ପ୍ରକାଶ ଯେ ବଙ୍ଗପ୍ରଦେଶରେ କ୍ରମାଗତ ଶିକ୍ଷା ବିସ୍ତାର ହେଉଅଛି ଏବଂ ବର୍ତ୍ତିତ ବର୍ଷରେ ପୂର୍ବବର୍ଷଠାରୁ ୬୧୩ ସ୍କୁଲ ଏବଂ ୧୪୨୧୧ ଛାତ୍ର ବୃଦ୍ଧି ହୋଇ ଅଛି । ଲୋକ ଗଣନା ତାଲିକା ଅନୁସାରେ ବଙ୍ଗଳାରେ ସ୍କୁଲ-ରେ ପଢିବା ବୟସର ବାଳକଙ୍କ ସଂଖ୍ୟା ୫୪୫ ଲକ୍ଷ ଏବଂ ବାଳିକାଙ୍କ ସଂଖ୍ୟା ୫୫ ଲକ୍ଷ ଅଟେ । ଏମାନଙ୍କ ମଧ୍ୟରୁ ୧୪ ଲକ୍ଷ ବାଳକ ଓ ଏକ-ଲକ୍ଷ ବାଳିକା ବିଦ୍ୟାଳୟରେ ପଢୁ ଅଛନ୍ତି । ସୁତରାଂ ଶତକଡା ୨୭ ବାଳକ ପ୍ରାୟ ୨ବାଳିକ ବିଦ୍ୟାଶିକ୍ଷା କରୁ ଅଛନ୍ତି । ସ୍ଥାନବିଶେଷର ଉନ୍ନତ ବା ଅବନତ ଅନୁସାରେ ଶତକଡା ଊଣାଅଧିକ ଲକ୍ଷିତ ହୁଏ ମାତ୍ର କୌଣସି ଠା-ରେ ବୃଦ୍ଧି ବିନା ହ୍ରାସ ନାହିଁ । ଶିକ୍ଷାବିଭାଗର ମୋଟ ବ୍ୟୟ ପୂର୍ବବର୍ଷ ୯୭ ଲକ୍ଷ ୪୫ ହଜାର ଥିଲା । ଏବର୍ଷ ୯୫ ଲକ୍ଷ ୭୫ ହଜାର ହୋଇ-ଅଛି । ସରକାରୀ ନିଟ ଖରଚ ଗତବର୍ଷ ୧୯ ଲକ୍ଷ ୬୧ ହଜାର ଟଙ୍କା ଥିଲା ଏ ବର୍ଷ ୨୦ ଲକ୍ଷ ୨୪ ହଜାର ଟଙ୍କା ହୋଇଅଛି । ଅବଶି-ଷ୍ଟ ବ୍ୟୟ ଛାତ୍ରବେତନ ବ୍ୟକ୍ତି ବିଶେଷଙ୍କ ଦାନ ଜିଲା ବୋରଡ଼ ଏବଂ ମିଉନିସିପାଲଟୀରୁ ନିର୍ବାହ ହୋଇଅଛି । ଏଥିରୁ ଦେଖାଯାଏ ଯେ ମୋଟ ବ୍ୟୟ ମଧ୍ୟରେ ସରକାରଙ୍କ ନିଜବ୍ୟୟ ପ୍ରାୟ ଏକ ଚତୁର୍ଥାଂଶ ଅଟେ ।

Digitized by srujanika@gmail.com

ଜିଲ୍ଲା ଓ ସ୍ଥାନୀୟ ବୋରଡ଼ମାନେ ଶିକ୍ଷା ବିଭାଗୀୟ କର୍ମଚାରୀଙ୍କ ସହିତ ଏକମେଳରେ କାର୍ଯ୍ୟ କରିବାର ଦେଖି ମାନ୍ୟବର ଛୋଟଲାଟ ଆନନ୍ଦ ପ୍ରକାଶ କରି ଅଛନ୍ତି । ବୋରଡ଼ଙ୍କ ଅଧୀନରେ କାର୍ଯ୍ୟ ଭଲ ଚଳୁଅଛି କେବଳ ଅଳ୍ପ ସ୍ଥାନରୁ କେତେକ ଗୁଡ଼ାଏ ଶୁଣାଯାଏ ଯଥା ଓଡ଼ିଶା ବିଭାଗରେ ସାହାଯ୍ୟ ଟଙ୍କା ବିଳମ୍ବରେ ଦିଆଯିବାର ଗୁଡ଼ାଏ ଅଭିଯୋଗ ଶୁଣାଯାଏ ।

କଲେଜ ଶିକ୍ଷା ସମ୍ବନ୍ଧରେ ମାନ୍ୟବର ଛୋଟଲାଟ ଯଥାର୍ଥ କହିଅଛନ୍ତି କି ବିଶ୍ୱବିଦ୍ୟାଳୟର ପରୀକ୍ଷାର ଫଳ କେତେକାନ୍ତ ଅନିଶ୍ଚିତ ହେବା ଶିକ୍ଷା-ଭିବୃଦ୍ଧିର ଅନୁକୂଳ ନୁହେ ।

ଉଚ୍ଚ ଓ ମଧ୍ୟମ ଶ୍ରେଣୀର ବିଦ୍ୟାଳୟମାନଙ୍କ ସମ୍ବନ୍ଧେ ବିଶେଷ କିଛି ବକ୍ତବ୍ୟ ନାହିଁ । ଉଚ୍ଚ-ଶିକ୍ଷା ପ୍ରତି ବିଶେଷ ଆଗ୍ରହ ଜନ୍ମାଇବା ନିମନ୍ତେ ଗବର୍ଣ୍ଣମେଣ୍ଟ ଇଚ୍ଛା କରୁଅଛନ୍ତି ଯେ କୁମାରୀୟ ଛାତ୍ରବୃତ୍ତି ବଣ୍ଟନବେଳେ ଉଚ୍ଚରେ ପାଇଥିବା ଅଙ୍କ ଅନିର୍ଦ୍ଦିଷ୍ଟ ବିଷୟର ଅଙ୍କସଙ୍ଗେ ଯୋଗ ହେବ ।

ସ୍ତ୍ରୀଲୋକ ଶିକ୍ଷା ବିଷୟରେ ଯଥୋଚିତ ଚେଷ୍ଟା ହୋଇ ଅଛି ଏବଂ ତାହା ଅନେକ ପରିମାଣରେ ସଫଳ ହେଲେ ହେଁ ଅଭିଭାବକଙ୍କ ଦୋଷରୁ ପିଲାଙ୍କ ଉନ୍ନତି ଆଶାନୁରୂପ ସଂଶୋଧିତ ହୋଇ ପାରୁ ନାହିଁ । ଅଭିଭାବକମାନେ ଆପଣା ପିଲାଙ୍କ ଶିକ୍ଷାପ୍ରତି ଦୃଷ୍ଟି ରଖନ୍ତି ନାହିଁ ଏବଂ ସମୟେ ସମୟେ ଶିକ୍ଷକଙ୍କ ଚେଷ୍ଟାକୁ ବିଫଳ କରନ୍ତି । ଏଥିର ଉଦାହରଣ ସ୍ୱରୂପ ଲେଖା ହୋଇଅଛି ଯେ ଓଡ଼ିଶାରେ ଉଚ୍ଚ କ୍ଲାସରେ ପଢୁଥିବା ଜଣେ ଛାତ୍ରୀ ପଣ୍ଡିତଙ୍କ ସମୟରେ ଅବାଧ୍ୟ ହେବାରୁ ଦଣ୍ଡିତ ହେଲା । ତାହା ଏକଦିନ ଜଣଙ୍କୁ କହି ସେହି ଛାତ୍ରୀର ପିତା କଟକ କଲେକ୍ଟରଙ୍କ କାଚେରୀର ଜଣେ ... ଅମଲା ଅଟନ୍ତି ପଣ୍ଡିତଙ୍କ ସଙ୍ଗେ ଦେଖା ହେବାରୁ କହିଲେ କି ଅଧିକାର ନାହିଁ ତାଙ୍କ ପୁତ୍ରୀକୁ ଦଣ୍ଡ ଦେଉଥିବାରୁ ତାହାଙ୍କ ନାମରେ ଖବର କାଗଜରେ ଛାପାଇ ଦେବେ । ମାନ୍ୟବର ଛୋଟଲାଟଙ୍କ ମତରେ କାହିଁ ଏପରି ଘଟଣା ବିରଳ ଅଟେ ଏବଂ ସେ ଆଶା କରନ୍ତି ଯେ ପିତାମାତା ଓ ଅଭିଭାବକମାନେ ଆପଣା କର୍ତ୍ତବ୍ୟ ପ୍ରତି ବିଶେଷ ମନୋଯୋଗୀ ହେବେ । ଉଚ୍ଚ ଓ ନିମ୍ନ ପ୍ରାଥମିକ ଶିକ୍ଷାରେ ... ବୃଦ୍ଧି ଦେଖାଯାଏ ଏବଂ ମିଉନିସିପାଲିଟୀ ଓ ଜିଲ୍ଲା ବୋର୍ଡ଼ମାନେ ଏ ବିଷୟରେ ସର୍ବାପେକ୍ଷା ଅଧିକ ବ୍ୟୟ କରୁଅଛନ୍ତି ।

ବ୍ୟବସାୟ ଶିକ୍ଷା ସମ୍ପର୍କରେ ପ୍ରକାଶ ଯେ ଆଇନ ଶିକ୍ଷା କିଛି ଊଣା ପଡ଼ିଅଛି ମାତ୍ର ଡାକ୍ତରୀ ଇଞ୍ଜିନିୟରୀ ଶିଳ୍ପ ଇତ୍ୟାଦି ବିଦ୍ୟାଶିକ୍ଷା କ୍ରମଶଃ ବୃଦ୍ଧି ହେଉଅଛି । ସନ ୧୮୯୦ ଓ ୯୧ ଏହି ଦୁଇବର୍ଷରେ ବାର୍ଷିକ ଏକହଜାର ଲେଖାଏଁ ଛାତ୍ର ପଢ଼ୁଥିଲେ ବର୍ତ୍ତମାନ ପ୍ରାୟ ... ରହିଅଛି । ଇଞ୍ଜିନିୟରିଂ ପଢ଼ିବା ଛାତ୍ର-ସଂଖ୍ୟା ୨୨୪ ରୁ ୯୩୦ କୁ ଡାକ୍ତରୀ ଛାତ୍ର ୧୬୪୫ ରୁ ୧୭୪୭ କୁ ଏବଂ ଶିଳ୍ପବିଦ୍ୟାଳୟ ମାନଙ୍କର ଛାତ୍ର ୯୧୫ ରୁ ୧୦୩୪ କୁ ଉଠିଅଛି । ଆଇନ ଅପେକ୍ଷା ଡାକ୍ତରୀ ଶିଳ୍ପ ଇତ୍ୟାଦି ବ୍ୟବସାୟ-ଶିକ୍ଷାପ୍ରତି ଲୋକଙ୍କ ମନ ଅଧିକ ପରିମାଣରେ ଧାବିତ ହେବା ସୁଖର ବିଷୟ ଅଟେ ସନ୍ଦେହ ନାହିଁ ଏବଂ ଗବର୍ଣ୍ଣମେଣ୍ଟ ମଧ୍ୟ ଶିଳ୍ପାଦି ଶ୍ରମଯୁକ୍ତ ଶିକ୍ଷାପ୍ରତି ଅଧିକ ମନୋଯୋଗୀ ହେବାର ଯଥେଷ୍ଟ ପ୍ରମାଣ ସମାଲୋଚିତ ବିବରଣୀରୁ ପ୍ରକାଶ ପାଉଅଛି । ଢାକା ହୁଗଲୀର ଶିଳ୍ପ ବିଦ୍ୟାଳୟ ମାନଙ୍କର ଉତ୍ତୀର୍ଣ୍ଣ ଛାତ୍ରମାନଙ୍କୁ ଶିବପୁର ଇଞ୍ଜିନିୟରିଂ କଲେଜରେ ଉଚ୍ଚ ଅଙ୍ଗର ଶିଳ୍ପ ଓ ଯନ୍ତ୍ର ଚଳମାନ ବ୍ୟବହାର ପ୍ରଭୃତିର ଶିକ୍ଷା ଦିଆଯିବାର ପ୍ରସ୍ତାବ ହୋଇ ଅଛି । ଏପରି କାର୍ଯ୍ୟ ଚଳିଲେ ... ରେଲ ... ଓ ନାନାପ୍ରକାର କାରଖାନାରେ ଦେଶୀୟ ଲୋକମାନେ ଜୀବିକା ନିର୍ବାହ କରିବାକୁ ସକ୍ଷମ ହେବେ ସନ୍ଦେହ ନାହିଁ ।

## ସାପ୍ତାହିକ ସମ୍ବାଦ ।

ଗତ ସପ୍ତାହରେ କଟକ ଜେଲରେ ଯେ ଜଣ କଏଦୀ ... ଫାଶୀ ହୋଇଥିଲା । ... ୧୪ ଜଣ ... ହୋଇଥିଲେ ।

ଏ ସପ୍ତାହରେ ଶୀତ ଜରମ ହୋଇ ଅଛି ।

ଏଠା କଟକ ଟ୍ରେନିଂ କଲେଜର ଅଃ ସୁପରିଣ୍ଟେଣ୍ଡେଣ୍ଟ ବାବୁ ... ବୋଷ ଓ ... ବାବୁ ... ଘୋଷ ... କଂଗ୍ରେସରେ ଉପସ୍ଥିତ ହେବା ନିମନ୍ତେ ଗତ ବୃହସ୍ପତି-ବାର ଏଠାରୁ ଯାତ୍ରା କରିଅଛନ୍ତି ।

ଅସ୍ମାନଙ୍କର ମାନନୀୟ କଲେକ୍ଟର ଶ୍ରୀଯୁକ୍ତ ... ସାହେବ ... ପରିଦର୍ଶନ କରି ଫେରି ଆସି ଅଛନ୍ତି ।

ବାଙ୍କି ସବ୍‌ଡିଭିଜନର ଅଃ ... ବାବୁ ... ଶାସ୍ତ୍ରୀ ଏଠା ... ଅବସ୍ଥା ... ଅଛନ୍ତି । ବାବୁ ମହୋଦୟ ... ଓ ମିଷ୍ଟଭାଷୀ ଥିଲେ । ତାଙ୍କ ଅକାଳ ମୃତ୍ୟୁରେ ବାଙ୍କି ଲୋକ ତଥା ... କଟକ ଲୋକେ ଦୁଃଖିତ ହୋଇଅଛନ୍ତି ।

### କଲିକତା-ଗେଜେଟ ।

ଅନୁଗୁଳର ଡେପୁଟୀ କମିସନର ମେଃ ମାକଫର୍ସନ ଓ ମେଃ ... କଲେକ୍ଟର ମିଃ ଏଚ, ଟି, ... ୨ୟ ଗ୍ରେଡକୁ ଉନ୍ନୀତ ହୋଇଅଛନ୍ତି ।

ଅଃ ସୁପରିଣ୍ଟେଣ୍ଡେଣ୍ଟ ମେଃ ମାକଫର୍ସନ ଓ ମେଃ ... ବାବୁ ସୁଦାମଚନ୍ଦ୍ର ନାୟକ ୭ମ ଗ୍ରେଡକୁ ଉନ୍ନୀତ ହୋଇଅଛନ୍ତି ।

---

ଗତ ଶନିବାର ଶ୍ରୀଯୁକ୍ତ ମୟୂରଭଞ୍ଜାଧିପତିଙ୍କ ପ୍ରଦତ୍ତ ଏକଶତ ଟଙ୍କାର କମ୍ବଳ କାଲେକ୍ଟରଙ୍କ ଅନ୍ନ, ବସ୍ତ୍ର, କୁଷ୍ଠ, କମ୍ବଳ ... ବିତରଣ କରା ହୋଇଅଛି । ମହାରାଜା ବାହାଦୂରଙ୍କ ... ଫେରି ଆସି ଅଛନ୍ତି । ଓ, ନ,

ଅସ୍ମେମାନେ ... ପ୍ରକାଶ କରୁଅଛୁଁ ଯେ ଗତ ... ସମୟରେ ... ମେଜର ... ସାହେବ ... ଭୋଗ କରୁଅଛନ୍ତି । ଅବଧି ୧୦ ବର୍ଷ ପୂର୍ଣ୍ଣ ହୋଇ ... ନାହିଁ ତାଙ୍କର ... ହୋଇ ... ସେ ଏହି ... ସମୟରେ ... ପାଇ ଥିଲେ । ... ତାଙ୍କ ... ଆପଣା ... ଅସ୍ମାନଙ୍କ ... ପ୍ରାର୍ଥନା । ଓ, ନ,

... ପୂର୍ବରେ ... ଅଛି ଯେ ଆଗାମୀ ... ମାଞ୍ଚେଷ୍ଟରର ... ଦ୍ରବ୍ୟମାନ ... ଶୀଘ୍ର ... ହେବାର ... ।

... ଲୋକମାନ ଉପସ୍ଥିତ ହୋଇ ... ସୀମାନ୍ତ ପ୍ରଦେଶକୁ ... ୧୯୦୦୦ ସେନା ... ଅଛି ।

... ଉପସ୍ଥିତ ହୋଇଅଛି ।

... ପ୍ରଥମ ଅଧିବେଶନରେ ... ଉପସ୍ଥିତ ... ସମ୍ରାଟଙ୍କ ... ଦାବୀ କରିଥିଲେ । ... ସମୟରେ ... ମେମ୍ବରମାନେ ... ଦେବାକୁ ... କଲେ । ... ଉପସ୍ଥିତ ହେଲେ । ... ସମାଜ ... ସମ୍ମତ ... ଭୋଟ ... ବୃଦ୍ଧି ... ।

... ହାଇକୋର୍ଟରେ ... ମୋକଦ୍ଦମା ... ଦେଇଥିବା ... ଅସାମୀକୁ ଦୋଷୀ ... ମୁକ୍ତି ... ସାହେବଙ୍କ ... ପ୍ରତୀୟମାନ ... ସମୟରେ ... ସାହେବ ମହୋଦୟ ... ସାହେବଙ୍କ ଠାରେ ... ଅଛନ୍ତି । ଏ ... ଅସାମୀ ... ହୋଇଥିଲେ ।

ରୁଷିଆ ... ଯାଉଅଛି । ଏ ... ଯାଇନାହିଁ ।

... ସୀମାନ୍ତ ପ୍ରଦେଶ ... ସ୍ଥାନରେ ... ଗବର୍ଣ୍ଣମେଣ୍ଟ ... ସାହାଯ୍ୟ ... ଗବର୍ଣ୍ଣମେଣ୍ଟ ... ଅଛନ୍ତି । ... ଏ ... ଓ ... ନିଷିଦ୍ଧ ଅଛି ।

Split by PDF Splitter

Digitized by srujanika@gmail.com

ଗତ ମାସ ତା ୮ ରିଖରେ ସିଂହଦ୍ୱାର ମହାରାଜାଙ୍କ ଅଭିଷେକ କ୍ରିୟା ସମ୍ପନ୍ନ ହୋଇଯାଇ ଥିବାର ସମ୍ବାଦ ମିଳି-ଲା । ଏତଦୁପଲକ୍ଷରେ ସେଠାରେ ବହୁ ଆମୋଦ ପ୍ରମୋଦ ଲାଗିଅଛି ।

ବଙ୍ଗଳାର ସୁରଭୂମାର ସ୍କୁଲରୁ ଫେଲ ଅଫିସର କଷ୍ଟର ବିଲମ୍ବ ଥିବାର ବନ୍ଦ ହେବ । ଶୁଣାଯାଏ ସେ ଫେଲଅଫିସ କେବଳ ବାବୁଆଡ଼ ଓ ଚୀନ ବାଟେ ଅସିବ ।

ବଙ୍ଗଳର ପାର୍ଲିଆମେଣ୍ଟ ଅଧିବେଶନ କେବଳ ଏକ ସମୟ ବନ୍ଦ ହୋଇଅଛି । ଆଗାମୀ ଫେବ୍ରୁଆରୀ ମାସ ତା ୫ ରିଖରେ ଖୋଲିବ ।

ଇଂଲଣ୍ଡରେ ପ୍ରତି ଶ ୧୦୦ ଜଣ ପୁରୁଷରୁ ୫ ଜଣ ସ୍ତ୍ରୀ ଲୋକ ଅପଣାର ଜୀବନ ବୀମା କରିଥିବାର ସମ୍ବାଦ ମିଳିଲା ।

ହୁଗୁଳୀରେ ବିବାହର ଅପୂର୍ବ ପ୍ରକାର ପ୍ରଥା ଚଳିତ ଥିବାର ସମ୍ବାଦ ମିଳିଲା । ବିବାହ ଦିନ ବର ଅସନରେ ବସିଥାଏ ଓ ତାହାଙ୍କ ଚତୁର୍ଦ୍ଦିଗରେ କନ୍ୟା ନୂତନବସ୍ତ୍ର ନାନାପ୍ରକାର ବସ୍ତ୍ର ପରିଧାନ କରି କୋଳରେ ଟଙ୍କା ଉଠାଇ ବର ଉପରକୁ ପକାଇ ଦିଏ ଏବଂ ବରର ମୁଣ୍ଡର ଟୋପି ଛଡ଼ାଇନେଇ ଯାଏ । ଏ ସମୟରେ ବରର କିଛି କଥା କହିବାର ଅଧିକାର ନାହିଁ ଏବଂ କନ୍ୟା ନାଚିକରିବାର ଅବସରେ ବର ଚେଷ୍ଟା କରି ତାହାଙ୍କୁ ଧରି ଗୋଟିଏ ଚୁମ୍ବନ ଅର୍ପଣ ଅଣେ ଏହି ବନ୍ଦ ହେଲେ ବିବାହ ସିଦ୍ଧ ହୁଏ ।

କଲିକତାର ଏକ ବସ୍ତ୍ର ପାଗଳଙ୍କ ମଧ୍ୟରେ ଜ ୧୨ ଜଣ ପ୍ରେମରେ ପାଗଳ ହୋଇଥିବାର ଗଣନାଦ୍ୱାରା ସ୍ଥିର ହୋଇଅଛି ।

ଦଲ୍ୟାତରେ ଏକ ଜାତୀୟ କ୍ଷୁଦ୍ର ବାଜ୍ରା ପକ୍ଷୀ ଅଛନ୍ତି ଯେ ସେମାନେ ଘଣ୍ଟାକେ ମା ୧୫୦ ମାଇଲ ବାଟ ଅତିକ୍ରମ କରି ପାରନ୍ତି । ଏତେ ଦୂର ବାଟ ଅନ୍ୟ କୌଣସି ପକ୍ଷୀ ଅତିକ୍ରମ କରିବାର ଦେଖାଯାଇନାହିଁ ।

## ପୁରୀସମ୍ବାଦ ।

ଗତ ବୁଧବାର ଦିନ ଦରଭଙ୍ଗା ମହାରାଜାଙ୍କ ଭ୍ରାତା ଜଗନ୍ନାଥଦର୍ଶନରେ ଆସିଥିଲେ । ଏଠାରେ ଏକଦିନ ମାତ୍ର ଅବସ୍ଥାନ କରି ତୀର୍ଥବିହିତ କର୍ମାଦି ସାଙ୍ଗକରି ପ୍ରସ୍ଥାନ କରି-ଅଛନ୍ତି ।

କେତେକ ଦିନରୁ ବେହୁଁ ଦାରୋଗାମାନେ ଚକାଯାଉଥିଲେ ପଡ଼ି-ଯାଉଛି ମିଉନିସିପାଲିଟିର ଅନୁମତିକ୍ରମେ ସେମାନେ ଚେଷ୍ଟା ସ୍ଥଳେ ମିଉନିସିପାଲିଟିର ଅନୁମତିକ୍ରମେ ସେମାନେ ଲେଖାଇବାକୁ ଲାଗିଯାଇ ଅଛନ୍ତି । ବର୍ତ୍ତମାନ ବଡ଼ଦେଉଳ ଶ୍ରୀମନ୍ଦିରର ଉପରେ ହୋଇଅଛି । କିନ୍ତୁ ମିଉନିସିପାଲିଟୀର ଏତେକ ଲ ପରେ ବଡ଼ଦେଉଳ ଉପରେ ହିଁ କିଏ ଦୃଷ୍ଟି ପଡ଼ିଅଛି । ସେମାନଙ୍କ ମଙ୍ଗଳ ମତରେ ବହୁସ୍ଥାନ ଦେବାଳୟମାନଙ୍କ ପଦଚ୍ଛେଦ ହେବାର ଶୁଣାଯାଏ ।

କେତେକଦିନ ହେଲା ମୁକ୍ତିମଣ୍ଡପ ଉପରେ ଏଠା ପଣ୍ଡିତ-ମାନଙ୍କର କୋଷ୍ଠୀ ସାମୟିକ ସଭା ଦେଖାଯାଉଅଛି ଯେ ଯହିଁରେ ଶାସନଙ୍କର ବସ ଓ ପଦ୍ଧତି ନିର୍ଣ୍ଣୟ ଶାସ୍ତ୍ରସମ୍ମତ ବ୍ୟବସ୍ଥା ପ୍ରଭୃତି ଉଚ୍ଚ କାର୍ଯ୍ୟସମାଧା ହେବାର ନିଶ୍ଚୟ ହୋଇ-ଅଛି । ପୂର୍ବେ ଏହି ମୁକ୍ତିମଣ୍ଡପ ସୁଯୋଗ୍ୟ ବ୍ରାହ୍ମଣମଣ୍ଡଳୀର ସ୍ଥାନ ହୋଇଥିଲା । କିନ୍ତୁ କେତେକଦିନ ହେଲା ଶାସନ ଓ ଲବ୍ଧ ପ୍ରତିଷ୍ଠିତ ବ୍ରାହ୍ମଣମାନଙ୍କଦ୍ୱାରା ତାହାର ଅବସ୍ଥା ଏତେ ମନ୍ଦ ହୋଇଅଛି ଯେ ଅଧିକ ପଣ୍ଡିତମାନେ ସେଠାକୁ ଯିବା ଅପମାନ ବୋଧକରି ଯାଉ ନାହାନ୍ତି । ସାମ୍ପ୍ରତିକ ସଭା ଚିରସ୍ଥାୟୀ ହୋଇ ପ୍ରସ୍ତାବିତ ବିଷୟମାନ କାର୍ଯ୍ୟରେ ପରିଣତ କଲେ ପ୍ରକୃତ ଆନନ୍ଦର ବିଷୟ ହେବ ।

ଗତ ଅନନ୍ତାବ୍ରତଠାରୁ ଶ୍ରୀଜୀଉଙ୍କର ପ୍ରଥମ ବେଶ ଯଥା-ବିଧି ସମ୍ପନ୍ନ ହେଉଅଛି । ପ୍ରଭାତ ଘ ୭ ଘଣ୍ଟାରୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଲୋକମାନ ଶେଷହୋଇ ପ୍ରାୟ ଘ ୧୨ ଘଣ୍ଟାରେ ପ୍ରଭୁଙ୍କର ଦର୍ଶନ ପହଡ଼ ହେଉଅଛି ।

ଏବର୍ଷ ଏଠା ଜିଲାସ୍କୁଲରୁ ପ୍ରବେଶିକା ପରୀକ୍ଷା ଦେବାପାଇଁ ଜ ୫ ଜଣ ଛାତ୍ର ମନୋନୀତ ହୋଇ ଅଛନ୍ତି ।

ମୁକ୍ତିମଣ୍ଡପ ସମ୍ମୁଖରେ ଯେଉଁ ପ୍ରସ୍ତର ସ୍ତମ୍ଭମାନ ନିର୍ମିତ ହେଉଥିଲା ତାହା ଶେଷହୋଇ ତହିଁରେ ଲୁହାରକଡ଼ି ଓ କରଗମାନ ଲଗାଯାଇ ତାହାଉପରେ ପ୍ରସ୍ତରଛାଦନ ହେଉ ଅଛି । ଏହାଦ୍ୱାରା ସେ ସ୍ଥାନ ସୁଦୃଶ୍ୟ ଓ ମଜବୁତ ହୋଇ ଅଛି ।

ଏଥିପୂର୍ବେ ଏକଜଣ ଅଂଶୀଦାର ଉଠିବାର ଜମିର ଅବ-ଶିଷ୍ଟ ଥିବା ମିଉନିସିପାଲିଟିରୁ ଯେଉଁ ବିଜ୍ଞାପନ ପ୍ରକାଶ ହୋ-ଇଥିଲା ଡିଷ୍ଟ୍ରିକ୍ଟରେ ଡି଼ ପାଃ ଠାକୁର ଔରଙ୍ଗସିଂହଙ୍କର ଗୋପୀନାଥ ମଠ ଟ ୧୩୦ ଙ୍କା ବେତନରେ ନିଯୁକ୍ତ ହୋଇ ଅଛନ୍ତି ।

ଅସ୍ମାନଙ୍କର ଶ୍ରୀଯୁକ୍ତ ମାକନ୍ଦୁଲ ସାହେବଙ୍କର ତା ୨୦ ରିଖେ ଚନ୍ଦନପୁର ଗସ୍ତରେ ଯିବାର କଥା ଅଛି ।

ଅତ୍ୟନ୍ତ ଶୀତ ପଡ଼ୁଅଛି । କାଲୋଚିତ ଫଳ, ପୁଷ୍ପ, ଶା-କାଦି ସୁଲଭ ହୋଇଅଛି ।

## ଯାଜପୁରସମ୍ବାଦ

ଗତ ଡିସେମ୍ବରମାସ ତା ୧୨ ରିଖ ସନ୍ଧ୍ୟାସମୟରେ ହାଇ-ଲେଭଲ କେନାଲ ଉତ୍ତରଲକର ଟେଲିଗ୍ରାଫ ଷ୍ଟେସନ ଓ ସବଡିଭିଜନ (ଜଳପଥର ଗଡ଼ାଯାଉଥିବା ଯନ୍ତ୍ରୀଙ୍କର ରହିଥିବା ବଙ୍ଗଳା ବାଟର ସନ୍ନିକଟରେ) କବାଟ ହୋଇ ଶେଷରେ ଷ୍ଟେସନର ଘଡ଼ିକୁ ମାରିନାଶନ୍ତି ଘୋଡ଼ାଇ ଦେଇ ସେ ଘରମଧ୍ୟକୁ ପଳାଇ ଗଲା, ତହୁଁ ଷ୍ଟେସନ ସଂଲଗ୍ନ ଘରମଧ୍ୟରେ ପ୍ରବେଶ କରି ତାକୁ ମାରିବାକୁ ଉଦ୍ୟତ ହୁଅନ୍ତେ ଷ୍ଟେସନ ଏକ ଖାଟ ଧାରି ଝୁଡ଼ିବାର ହାତ ପାହାନ୍ତି ହାର ଭକ୍ତ ଷ୍ଟେସନର ମୁଣ୍ଡରେ ଓ ପଞ୍ଜରରେ ଏପରି ଘୁଷି ଚଳ ଅଘାତ କଲା ଯେ ତହିଁରେ ଷ୍ଟେସନ ତତ୍କ୍ଷଣାତ୍ ଅଚେତନ ହୋଇ ଭଲେ ପଡ଼ିଗଲା । ତହୁଁ ତାକୁ ସେଠା-କାର ଡାକ୍ତରଖାନାକୁ ନେଇଗଲାବେଳେ ଡାକ୍ତରବାବୁ ଅନେକ ପ୍ରକାର ଚିକିତ୍ସା କଲେ; ମାତ୍ର କାହିଁରେ କିଛି ଫଳ ନ ହୋଇ ତହୁଁ ଅନେକ ବେଳ ସେ ଉଦ୍ଧାରଣ ଭାଗ କଲା ତ ପୁରୁ ମହନାହାର ତାହାର ମସ୍ତକରେ ଅସ୍ତ୍ର ଓ ପଞ୍ଜରର ଛଟଣ ହାଡ଼ ଭାଙ୍ଗିଯାଇ ଥିବାର ପ୍ରକାଶ ହେଲା । ଉକ୍ତ ଅପରାଧୀ ଆସାମୀ ପୁଲିସକର୍ତ୍ତୃକ ଧୃତ ହୋଇ ବର୍ତ୍ତମାନ ମ୍ୟାଜିଷ୍ଟ୍ରେଟଙ୍କ ବିଚାରାଧୀନରେ ଅଛି; କିନ୍ତୁ ଏପରି ଅପରାଧ କରିବା ଅମଧ୍ୟର ରକ୍ଷୁପ୍ରମାଣ ଏପର୍ଯ୍ୟନ୍ତ ମିଳି ନାହିଁ ।

